# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 06, DATE : 16.03.2024 - 31.03.2024 FORTNIGHTLY (ODIA), BHUBANESWAR. PAGES-08

## ନିର୍ବାଚନ ସଂପର୍କରେ କମ୍ୟୁନିଷ୍ଟମାନଙ୍କର ସଠିକ୍ ଦୃଷ୍ଟିଭଙ୍ଗୀ

*(ଆମ ଦେଶରେ ସାଧାରଣ ନିର୍ବାଚନ ସହିତ ରାଜ୍ୟ ବିଧାନ ସଭା ପାଇଁ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ନିର୍ବାଚନରେ ଆମ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ମଧ୍ୟ ସମସ୍ତ ଶକ୍ତି ଦେଇ ଅଂଶଗ୍ରହଣ କରୁଛି। ଏହି ପରିପ୍ରେକ୍ଷୀରେ ଏକ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ନିର୍ବାଚନ ସଂପର୍କରେ ପ୍ରକୃତ କମ୍ୟୁନିଷ୍ଟମାନଙ୍କର ସଠିକ୍ ଦୃଷ୍ଟିଭଙ୍ଗୀ ଜନସାଧାରଣଙ୍କ ସମ୍ମୁଖରେ ତୋଳି ଧରିବାର ଜରୁରୀ ଆବଶ୍ୟକତା ରହିଛି। ଏହି ଉଦ୍ଦେଶ୍ୟରେ ସର୍ବହରାର ମହାନ ନେତା, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ ତଥା ଆମର ପ୍ରିୟ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ୍ ଶିବଦାସ ଘୋଷ ୧୯୭୪ ମସିହା ମାର୍ଚ୍ଚ ୧୭ ଓ ୧୮ ତାରିଖରେ ଦୁର୍ଗାପୁରଠାରେ ଅନୁଷ୍ଠିତ ୱାର୍କର୍ସ କୋର୍ଡିନେସନ୍ କମିଟିର ବାର୍ଷିକ ସମ୍ମିଳନୀର ପ୍ରତିନିଧି ଅଧିବେଶନରେ ଦେଇଥିବା ଭାଷଣର ଏକ ଅଂଶ ପାର୍ଟିର ନେତା, କର୍ମୀ, ସମର୍ଥକ, ଦରଦୀ, ସର୍ବହରା କ୍ରାନ୍ତିର ଅଗଣିତ ପାଠକ ତଥା ରାଜ୍ୟର ଜନସାଧାରଣଙ୍କର ଅବଗତି ନିମନ୍ତେ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରୁଛୁ।*


*- ସଂପାଦକ-ସର୍ବହରା କ୍ରାନ୍ତି)*

xxx ଯେତେଦିନଯାଏ ବିପ୍ଳବ ହେବ ନାହିଁ, ଜନସାଧାରଣ ଇଲେକସନ୍ ଚାହାଁନ୍ତୁ ବା ନ ଚାହାଁନ୍ତୁ, ପସନ୍ଦ କରନ୍ତୁ ବା ଅପସନ୍ଦ କରନ୍ତୁ, ଭଲ ଲାଗୁ ବା ମନ୍ଦ ଲାଗୁ, ଜନସାଧାରଣଙ୍କୁ ଏହା ମଧ୍ୟକୁ ଟାଣି ନିଆଯାଏ ଏବଂ ଜନସାଧାରଣ ମଧ୍ୟ ଟାଣି ହୋଇ ଆସନ୍ତି। ବିପ୍ଳବ ମାନେ ହେଲା- ଯେତେବେଳେ ଜନତା ବୁଝି ପାରିଛନ୍ତି- ଇଲେକ୍‌ସନ୍‌ର ପ୍ରୟୋଜନୀୟତା ନାହିଁ, ସମସ୍ତେ ଏହି ଚେତନାର ଭିତ୍ତିରେ ସଂଗଠିତ ହୋଇଯାଉଛନ୍ତି ଏବଂ ସଂଗଠିତ ଭାବରେ ଇଲେକସନ୍ ବର୍ଜନ କରୁଛନ୍ତି। ନିରାଶାରୁ(Negatively) ବର୍ଜନ କରୁନାହାନ୍ତି-ବୁଝିସୁଝି(Positively) ସେମାନେ ଗଣ ଅଭ୍ୟୁତ୍‌ଥାନ(Uprising) ଅବସ୍ଥାକୁ ଚାଲି ଯାଇଛନ୍ତି। ଯେତେବେଳେ ସେମାନେ କହନ୍ତି, ନା ଇଲେକ୍‌ସନ ନୁହେଁ, କ୍ଷମତା ଦଖଲ, ସେତେବେଳେ ହିଁ ଏକମାତ୍ର ଇଲେକ୍‌ସନ ଅକାର୍ଯ୍ୟକାରୀ ହୋଇଯିବ। ନହେଲେ ବାରମ୍ବାର ଜନତା ଇଲେକ୍‌ସନର ଫାସରେ ପଡି ଚାଲିଥିବେ। ଆଉ ଜନସାଧାରଣଙ୍କ ସହିତ ରହିବାପାଇଁ ବିପ୍ଳବୀ ହୁଅନ୍ତୁ କି ଅବିପ୍ଳବୀ ହୁଅନ୍ତୁ, ସମସ୍ତଙ୍କୁ ହିଁ ଇଲେକ୍‌ସନରେ ଅଂଶଗ୍ରହଣ କରିବାକୁ ହୁଏ- ଯଥାର୍ଥ ବିପ୍ଳବୀକୁ ମଧ୍ୟ କରିବାକୁ ହୁଏ। ଯେଉଁମାନେ ସଂକୀର୍ଣ୍ଣତା, ଅନ୍ଧ ନିଷ୍ଠା(Sectarian Truism)ର ଚର୍ଚ୍ଚା କରନ୍ତି, ବିପ୍ଳବର ଚର୍ଚ୍ଚା କରନ୍ତି ନାହିଁ, ସେମାନେ ନିଜକୁ ସୁରକ୍ଷିତ ରଖନ୍ତି। ନଚେତ ସମସ୍ତଙ୍କୁ ହିଁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ହୁଏ ଏବଂ ନିର୍ବାଚନରେ ଅଂଶ ଗ୍ରହଣ କରୁବୋଲି କ'ଣ ସମସ୍ତଙ୍କ ଦୃଷ୍ଟିଭଙ୍ଗୀ ଏକ ହେବ? ଇଲେକ୍‌ସନ୍ ସମସ୍ତେ ତ ଲଢୁଛନ୍ତି- ବାହାରଆଡୁ ଦେଖିଲେ ମୁଁ ଲଢୁଛି, ବିପ୍ଳବୀ ଲେନିନ୍‌ବାଦୀମାନେ ଲଢୁଛନ୍ତି, ସୋସାଲ ଡେମୋକ୍ରାଟ(Social Democrat) ମାନେ ବି ଲଢୁଛନ୍ତି, ଅସଲିମାନେ ଲଢୁଛନ୍ତି, ନକଲିମାନେ ବି ଲଢୁଛନ୍ତି, ବୁର୍ଜୁଆମାନେ ବି ଲଢୁଛନ୍ତି, ମେକି ସମାଜବାଦୀମାନେ ବି ଲଢୁଛନ୍ତି। (*ବିଜେପି ଲଢୁଛି, କଂଗ୍ରେସବି ଲଢୁଛି-ସଂପାଦକ ସର୍ବହରା କ୍ରାନ୍ତି*) ଆଉ ସମସ୍ତଙ୍କ କଥା ହେଉଛି ମୁଁ ଠିକ୍, ବିରୋଧୀ ଦଳ ବେଠିକ୍। ଆଉ ବିରୋଧୀ ଦଳକୁ ହରାଇବା ପାଇଁ ଯେକୌଣସି କୌଶଳଟା ହିଁ ହେଉଛି ସଠିକ୍, କାରଣ ମୁଁ ସଠିକ୍। ଏହିଭଳି ଯୁକ୍ତି ଯଦି ଆପଣମାନେ କରୁଥାଆନ୍ତି, ତାହେଲେ ବୁଝିବାକୁ ହେବ, ବୁର୍ଜୁଆ ଆଉ ଆପଣମାନଙ୍କ ମଧ୍ୟରେ କୌଣସି ଶ୍ରେଣୀଗତ ପାର୍ଥକ୍ୟ ନାହିଁ, ଦୃଷ୍ଟିଭଙ୍ଗୀଗତ ପାର୍ଥକ୍ୟ ନାହିଁ। ଅଥଚ ଗଭୀର ବିଚାର ବିଶ୍ଳେଷଣରେ ଏଇଟା ଭୁଲ ପ୍ରମାଣିତ ହୁଏ।



ଅସଲରେ ବୁର୍ଜୁଆ ଆଉ ସର୍ବହରା ଏଇ ଦୁଇ ଶ୍ରେଣୀଙ୍କର ଲଢେଇରେ କଳା କୌଶଳ, କାଇଦା, ସଂଗଠନ ପଦ୍ଧତି, ଇଲେକ୍ସନ ସଂପର୍କରେ ଦୃଷ୍ଟିଭଙ୍ଗୀ, ହାରଜିତ୍‌ର କଳା କୌଶଳ ଠିକ୍ କରିବା ମଧ୍ୟ ଦେଶର ବାସ୍ତବ ବିପ୍ଳବୀ ଆନ୍ଦୋଳନ ଗଣଚେତନାର ସ୍ତରକୁ ଭିତ୍ତି କରି ହିଁ ନିର୍ଦ୍ଧାରିତ ହୁଏ। ବୁର୍ଜୁଆମାନଙ୍କର ମୂଳ ଉଦ୍ଦେଶ୍ୟ ହେଉଛି ଯେନତେନ ପ୍ରକାରେ ସର୍ବାଧିକ ନିର୍ବାଚନୀ ଆସନ ଦଖଲ କରିବା ଏବଂ କ୍ଷମତାକୁ ଯିବା। କ୍ଷମତାକୁ ଯାଇ ନାନା ସଂସ୍କାରମୂଳକ(Reform) କାମ, ନାନା ପ୍ରକାର ସ୍ଲୋଗାନ ଉଠାଇ ଏହି ପ୍ରଚଳିତ ବ୍ୟବସ୍ଥା(Existing System)କୁ ଅତୁଟ ରଖିବା। ଯେଉଁଭଳି କହିଲେ ମୁଁ ଲୋକଙ୍କ ଭିତରେ ପ୍ରଗତିଶୀଳ ସାଜି କିଛି ଦିନ ତାଙ୍କୁ ବିଭ୍ରାନ୍ତ କରି ପାରିବି, ବୋକା ବନେଇ ପାରିବି ଏବଂ ଏହି

*ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ*



*ଜନ୍ମ* *ମୃତ୍ୟୁ*

*୫ ମାର୍ଚ୍ଚ ୧୮୧୮* *୧୪ ମାର୍ଚ୍ଚ ୧୮୮୩*

**ସର୍ବହରାର ମହାନ ନେତା, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀ ବିଜ୍ଞାନର ପ୍ରଣେତା କାର୍ଲ ମାର୍କ୍ସଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ଗଭୀର ଶ୍ରଦ୍ଧାଞ୍ଜଳି।**



*ଜନ୍ମ* *ମୃତ୍ୟୁ*

*୫ ଡିସେମ୍ବର ୧୮୭୮* *୫ ମାର୍ଚ୍ଚ ୧୯୫୩*

**ସର୍ବହରାର ମହାନ ନେତା, କମ୍ରେଡ ଷ୍ଟାଲିନଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ଗଭୀର ଶ୍ରଦ୍ଧାଞ୍ଜଳି।**

## କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରଚଳିତ "ନିର୍ବାଚନୀ ବଣ୍ଡ" ଭ୍ରଷ୍ଟାଚାରକୁ ନିୟମର ପୋଷାକ ପିନ୍ଧାଇବାର ଷଡ଼ଯନ୍ତ୍ର

କେନ୍ଦ୍ର ବିଜେପି ସରକାର ୨୦୧୮ ମସିହା ଜାନୁୟାରୀ ୨ତାରିଖରେ "ନିର୍ବାଚନୀ ବଣ୍ଡ ସ୍କିମ୍" ନାମରେ ଏକ ସ୍କିମ୍ ପ୍ରଚଳନ କରିଥିଲେ। ଏହା ବଳରେ ୨୦୧୮ ମାର୍ଚ୍ଚରୁ ୨୦୨୪ ଜାନୁୟାରୀ ମଧ୍ୟରେ ଅର୍ଥାତ୍ ପ୍ରାୟ ୬ବର୍ଷରେ ବିଭିନ୍ନ ରାଜନୈତିକ ଦଳମାନେ ମୋଟ ୧୬,୫୧୮କୋଟି ଟଙ୍କା ନିର୍ବାଚନୀ ଚାନ୍ଦା ପାଇଥିଲେ। ଯାହାର ସିଂହଭାଗ ୬୫୬୬.୧୩ କୋଟି ଟଙ୍କା ବିଜେପି ଦଳ ପାଇଛି। ସବୁଠାରୁ ନଜର ଦେବାର ବିଷୟ ହେଉଛି ଏହି ଚାନ୍ଦା ପାଇବାରେ ଓଡିଶାର ବିଜେଡି ଓ ବେଙ୍ଗଲର ତୃଣମୂଳ କଂଗ୍ରେସ ଯଥା କ୍ରମେ ପଞ୍ଚମ ଓ ତୃତୀୟ ସ୍ଥାନରେ ଅଛନ୍ତି। ଏହି ସ୍କିମଟିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି କିଏ ବା କେଉଁ ସଂସ୍ଥା ଏହି ହଜାର ହଜାର କୋଟି ଟଙ୍କାର ନିର୍ବାଚନୀ ଚାନ୍ଦା ଦେଇଛନ୍ତି ତାହା ଜନଗଣଙ୍କଠାରୁ ଗୋପନୀୟ ରଖିବାର ବ୍ୟବସ୍ଥା। ସଂପ୍ରତି ସୁପ୍ରିମକୋର୍ଟ ଏହି ସ୍କିମ୍‌କୁ ଅବୈଧ ଘୋଷଣା କରିବା ସହ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ ଯେ, କେଉଁ କମ୍ପାନୀ କେତେ ଟଙ୍କା କେଉଁ ଦଳକୁ ଦେଇଛି ତାହାର ବିବରଣୀ ଇଲେକସନ୍ କମିଶନଙ୍କୁ ପ୍ରଦାନ କରିବେ ଏବଂ ଇଲେକ୍‌ସନ କମିଶନ ଏହି ତଥ୍ୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ୱେବ ସାଇଟରେ ମାର୍ଚ୍ଚ ୬ତାରିଖ ମଧ୍ୟରେ ପ୍ରଦର୍ଶନ କରିବେ। କିନ୍ତୁ ଷ୍ଟେଟ ବ୍ୟାଙ୍କ ଏହି ନେଣଦେଣର ତାଲିକା ପଇଠ କରିବା ବଦଳରେ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ ଦାୟାର କରି ଜୁନ ମାସ ୩୦ତାରିଖ ପର୍ଯ୍ୟନ୍ତ ସମୟ ମାଗିଲା। ଆଜିକାଲିର କମ୍ପ୍ୟୁଟର ଯୁଗରେ ଏହି ନେଣଦେଣର ହିସାବ ଯାହା ୫ମିନିଟରେ ପ୍ରସ୍ତୁତ କରାଯାଇ ପାରିବ, ସେଥିପାଇଁ ୪ ମାସର ସମୟ ମାଗିବାର ଯେ କାରଣ କ'ଣ, ତାହା ହୁଏତ ପାଠକମାନଙ୍କୁ ବୁଝାଇ କହିବାର ଆବଶ୍ୟକତା ନାହିଁ। ଏହି ହିସାବଟି ଲୋକଲୋଚନକୁ ଆସିଲେ ବିଜେପି ସରକାର କେଉଁ ବ୍ୟବସାୟୀ ଗୋଷ୍ଠୀରୁ କେତେ ଚାନ୍ଦା ନେଇଛି ଏବଂ ତା' ବଦଳରେ ସେମାନଙ୍କୁ କି କି ଆର୍ଥିକ ତଥା ବ୍ୟବସାୟିକ ସାହାଯ୍ୟ କରାଇ ଦେଇଛି ତାହା ସାର୍ବଜନୀନ ହୋଇଯିବ। ଗତ ମାର୍ଚ୍ଚ ମାସ ୧୧ତାରିଖରେ ସୁପ୍ରିମକୋର୍ଟର ଏକ ୫ଜଣିଆ ଖଣ୍ଡପୀଠ ଷ୍ଟେଟ ବ୍ୟାଙ୍କର ଏହି ଆବେଦନକୁ ଖାରଜ କରିବା ସହିତ ଏହି ନେଣଦେଣର ହିସାବ ଗୋଟିଏ ଦିନ ଭିତରେ ପଇଠ କରିବାର ଆଦେଶ ଦେଇଛନ୍ତି ଏବଂ ନିର୍ବାଚନ କମିଶନ ୧୫ମାର୍ଚ୍ଚ ସନ୍ଧ୍ୟା ୫ଟା ମଧ୍ୟରେ ଏହି ତାଲିକା ତାର ୱେବସାଇଟରେ ପ୍ରଦାନ କରିବାକୁ ମଧ୍ୟ ଆଦେଶ ଦେଇଛନ୍ତି।

ସର୍ବହରା କ୍ରାନ୍ତିର ଏହି ସଂଖ୍ୟାଟି ପ୍ରେସକୁ ଯିବା ମଧ୍ୟରେ ତାଲିକା ପ୍ରକାଶ ପାଇ ନାହିଁ। ତେଣୁ

*ଅବଶିଷ୍ଟାଂଶ ୫ମ ପୃଷ୍ଠାରେ*

## ନିର୍ବାଚନର ଠିକ୍ ପୂର୍ବରୁ ସିଏଏ ଲାଗୁକରାଯିବାକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ତୀବ୍ର ବିରୋଧ

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ମାର୍ଚ୍ଚ ୧୧ ତାରିଖରେ ନିମ୍ନୋକ୍ତ ବିବୃତ୍ତି ଜାରୀ କରିଛନ୍ତି।

ଆମେ ଗଭୀର ଉଦ୍‌ବେଗର ସହତି ଲକ୍ଷ୍ୟ କରୁଛୁ ଯେ ଶରଣାର୍ଥିମାନଙ୍କୁ ନାଗରିକତ୍ୱ ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜାତୀୟ ସ୍ତରରେ ଐକ୍ୟମତ ଗଢିତୋଳିବାପାଇଁ ଉଦ୍ୟମ ନ କରି କେନ୍ଦ୍ର ବିଜେପି ସରକାର ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ତରବରିଆ ଭାବରେ ନାଗରିକତ୍ୱ(ସଂଶୋଧନ) ଆଇନ-୨୦୧୯ ବା ସିଏଏକୁ ଲାଗୁ କରିବାପାଇଁ ବିଜ୍ଞପ୍ତି ଜାରୀ କରିଛନ୍ତି। ଦେଶର ସମସ୍ତ ସ୍ତରର ନାଗରିକମାନଙ୍କୁ ଜଡିତକରି ଆଳାପ ଆଲୋଚନା ଓ ବିତର୍କର ମଧ୍ୟଦେଇ ଏ ବିଷୟରେ ଜାତୀୟ ଐକ୍ୟମତ ଗଢିତୋଳିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହେବ ଏବଂ କେବଳ ଏହି ଐକ୍ୟମତର ଭିତ୍ତିରେହିଁ ଶରଣାର୍ଥିମାନଙ୍କୁ ନାଗରିକତା ପ୍ରଦାନ କରିବାପାଇଁ ଆଇନ ପ୍ରଣୟନ କରିବାକୁ ହେବ ବୋଲି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଆମେ ଦାବି କରୁଛୁ।

## ଭିତର ପୃଷ୍ଠାରେ ~~~~~~~~~~~


- ★ ରାଷ୍ଟ୍ର ବିପ୍ଳବ
- ★ ନିର୍ବାଚନ ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଆର୍ଥିକ ସହାୟତା : ସାଧାରଣ ଲୋକଙ୍କୁ ପ୍ରତାରିତ କରିବାପାଇଁ ହୀନ ଉଦ୍ୟମ
- ★ ଏତେ ବିକାଶ ଯଦି ହୋଇଛି ତା'ହେଲେ ହିସାବରେ ଜାଲିଆତି କାହିଁକି?
- ★ ଭାରତ ସରକାରଙ୍କୁ ଡବ୍ଲ୍ୟୁଟିଓ ତ୍ୟାଗ କରିବାକୁ ହେବ : କୃଷକ ଆନ୍ଦୋଳନର ଦାବି
- ★ ଚଳିତ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପକ୍ଷରୁ ପ୍ରେସ୍ ଇସ୍ତାହାର

# କମ୍ୟୁନ ହିଁ ସେହି ରାଜନୈତିକ ରୂପ ଯାହା ଧ୍ୱଂସ ପ୍ରାପ୍ତ ରାଷ୍ଟ୍ରଯନ୍ତ୍ରର ସ୍ଥାନ ଗ୍ରହଣ କରି ପାରେ

## ରାଷ୍ଟ୍ର ଓ ବିପ୍ଳବ



*[ଚଳିତ ବର୍ଷ ବିଶ୍ୱ ସାମ୍ୟବାଦୀ ଆନ୍ଦୋଳନର ମହାନ ନେତା, ଋଷ ବିପ୍ଳବର ରୂପକାର କମ୍ରେଡ ଲେନିନଙ୍କ ମୃତ୍ୟୁ ଶତବର୍ଷ। ଏହି ଉପଲକ୍ଷେ ତାଙ୍କ ଦ୍ୱାରା ରଚିତ ପ୍ରଖ୍ୟାତ ପୁସ୍ତକ 'ରାଷ୍ଟ୍ର ଓ ବିପ୍ଳବ'ର ଓଡିଆ ଅନୁବାଦ ଧାରାବାହିକ ଭାବରେ ସର୍ବହରା କ୍ରାନ୍ତିରେ ପ୍ରକାଶିତ ହେଉଛି। ଚଳିତ ସଂଖ୍ୟାରେ ଏହାର ୯ମ ଭାଗ ପ୍ରକାଶ କରାଯାଉଛି। ]* **- ସଂପାଦକ, ସର୍ବହରା କ୍ରାନ୍ତି**

'(ପ୍ୟାରିସ୍) କମ୍ୟୁନ ଯେ ଜାତୀୟ ସଂଗଠନକୁ ବିକଶିତ କରିବାକୁ ସମୟ ପାଇଲା ନାହିଁ, ତା' କମ୍ୟୁନର ସଂକ୍ଷିପ୍ତ ରୂପରେଖରେ ହିଁ କୁହାଯାଇଛି। କମ୍ୟୁନ ହେବ କ୍ଷୁଦ୍ରତମ ଗ୍ରାମର ରାଜନୈତିକ ରୂପ। କମ୍ୟୁନକୁ ପ୍ୟାରିସରେ ଜାତୀୟ ପ୍ରତିନିଧିମଣ୍ଡଳୀକୁ ନିର୍ବାଚିତ କରିବାର କଥା ଥିଲା।

'ଅପପ୍ରଚାର କରି ଯେମିତି କୁହାଯାଉଥିଲା, ଯେଉଁ ଅଳ୍ପ କେତୋଟି, କିନ୍ତୁ ଗୁରୁତ୍ୱପୂର୍ଣ୍ଣ କାମ କେନ୍ଦ୍ର ସରକାର ଉପରେ ନ୍ୟସ୍ତ ଥିଲା ସେସବୁକୁ ଅବଦମିତ କରାଯାଉନଥିଲା, ବରଂ ସେସବୁର ଦାୟିତ୍ୱ କମ୍ୟୁନର ଅତ୍ୟନ୍ତ ଦାୟିତ୍ୱସମ୍ପନ୍ନ ଅଧିକାରୀମାନଙ୍କ ହାତରେ ନ୍ୟସ୍ତ କରାଯାଉଥିଲା।

'ଜାତୀୟ ଐକ୍ୟ ଭଙ୍ଗ କରିବାର ଯୋଜନା ନଥିଲା, ବରଂ କମ୍ୟୁନର ସମ୍ବିଧାନ ଅନୁଯାୟୀ ଏହି ଐକ୍ୟ ପ୍ରତିଷ୍ଠା କରିବାର କଥା ଥିଲା। ଯେଉଁ ରାଷ୍ଟ୍ର କ୍ଷମତା ପରଜୀବୀ ଭଳି ଜାତିର ଅଙ୍ଗରୁ ବାହାରି ଜାତିଠାରୁ ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠତର ବୋଲି ନିଜକୁ ଜାହିର କରୁଥିଲା ତାହାକୁ ଧ୍ୱଂସ କରିବା ଫଳରେ ବାସ୍ତବରେ ଜାତୀୟ ଐକ୍ୟମୂର୍ତ୍ତହୋଇ ଉଠୁଥିଲା। ପୂର୍ବତନ ସରକାରର ନିଛକ ଅତ୍ୟାଚାରୀ ସଂସ୍ଥା ଗୁଡିକୁ ଉତଖାତ କରିବାର ଦାୟିତ୍ୱ ଥିଲା। ନିଜକୁ ସମାଜର ଉର୍ଦ୍ଧ୍ୱରେ ବୋଲି ଦାବି କରୁଥିବା ଏହି ସରକାରର ନ୍ୟାୟସଂଗତ କାମଗୁଡିକୁ ସମାଜର ଦାୟିତ୍ୱବାନ କର୍ମଚାରୀମାନଙ୍କୁ ଅର୍ପଣ କରିବାର ମଧ୍ୟ ଦାୟିତ୍ୱ ଥିଲା।

ବର୍ତ୍ତମାନର ସୁବିଧାବାଦୀ ସୋସିଆଲ ଡେମୋକ୍ରାଟମାନେ ମାର୍କ୍ସଙ୍କର ଏହିସବୁ ବକ୍ତବ୍ୟ ବୁଝିବାକୁ କେତେ ପରିମାଣରେ ବ୍ୟର୍ଥ ହେଇଛନ୍ତି – ଆହୁରି ସଠିକ ଭାବେ କହିଲେ ଯାହା ସେମାନେ ବୁଝିବାକୁ ଚାହାନ୍ତି ନାହିଁ – ତା' ଦଳତ୍ୟାଗୀ ବର୍ଣ୍ଣଷ୍ଟାଇନଙ୍କ ଲିଖିତ 'ସମାଜତନ୍ତ୍ରର ମୂଳ ସୂତ୍ର ଓ ସୋସିଆଲ ଡେମୋକ୍ରାସିର କର୍ତ୍ତବ୍ୟ' ନାମକ ହେରୋଷ୍ଟ୍ରାଟସ୍ ମାର୍କା କୁଖ୍ୟାତ ବହିରେ ବେଶ ସ୍ପଷ୍ଟଭାବେ ପ୍ରକାଶ ପାଇଛି। ଉପରେ ଉଦ୍ଧୃତ ମାର୍କ୍ସଙ୍କର ଅନୁଚ୍ଛେଦ ସମ୍ପର୍କରେ ବର୍ଣ୍ଣଷ୍ଟାଇନ ଲେଖିଛନ୍ତି, 'ରାଜନୈତିକ ସାରବସ୍ତୁ ଦୃଷ୍ଟିରୁ ପ୍ରୁଧୋଁଙ୍କର ଯୁକ୍ତରାଷ୍ଟ୍ରିୟତା (ଫେଡେରାଲିଜିମ୍) ସହ ସମସ୍ତ ଗୁରୁତ୍ୱପୂର୍ଣ ବ୍ୟାପାରରେ ଏହାର ସାଦୃଶ୍ୟ ସବୁଠାରୁ ବେଶୀ ପ୍ରତିଭାତ ହୁଏ। ମାର୍କ୍ସ ଓ ପେଟି ବୁର୍ଜୁଆ ପ୍ରୁଧୋଁଙ୍କ ଭିତରେ (ବର୍ଣ୍ଣଷ୍ଟାଇନ ଅବଶ୍ୟ ପେଟି ବୁର୍ଜୁଆ ଶବ୍ଦଟିକୁ ଉଦ୍ଧୃତି ଚିହ୍ନ ଭିତରେ ରଖିଥିଲେ, ଯେମିତି ତାହା ବିଦ୍ରୁପ ଭଳି ଶୁଣାଯିବ) ଅନ୍ୟାନ୍ୟ ସବୁ ବିଷୟରେ ପାର୍ଥକ୍ୟ ଥିବା ସତ୍ତ୍ୱେ ଏ ବିଷୟରେ ସେମାନଙ୍କର ଚିନ୍ତାଧାରା ଯଥାସମ୍ଭବ ମିଶି ଯାଉଛି।' ତା'ପରେ ବର୍ଣ୍ଣଷ୍ଟାଇନ ଲେଖିଛନ୍ତି, 'ମ୍ୟୁନିସିପାଲିଟିଗୁଡିକର ପ୍ରୟୋଜନୀୟତା ଅବଶ୍ୟ ବଢିଛି। କିନ୍ତୁ, ଆଧୁନିକ ରାଷ୍ଟ୍ର ଗୁଡିକର ସେଭଳି ବିଲୋପ ଏବଂ ସେସବୁର ସଂଗଠନ ଗୁଡିକର ସମ୍ପୂର୍ଣ୍ଣ ରୂପାନ୍ତର ବିଷୟରେ ମାର୍କ୍ସ ଓ ପ୍ରୁଧୋଁ ଯାହା କଳ୍ପନା କରିଥିଲେ (ପ୍ରାଦେଶିକ ବା ଜିଲ୍ଲା ପରିଷଦରୁ ପ୍ରତିନିଧି ନେଇ ଜାତୀୟ ପରିଷଦ ଗଠିତ ହେବ, ଏହି ପ୍ରାଦେଶିକ ବା ଜିଲ୍ଲା ପରିଷଦଗୁଡିକ ପୁଣି କମ୍ୟୁନର ପ୍ରତିନିଧି ମାନଙ୍କୁ ନେଇ ଗଠିତ ହେବ) ଯାହା ଫଳରେ ଜାତୀୟ ପ୍ରତିନିଧିତ୍ୱର ସବୁ ପଦ୍ଧତି ଅବଲୁପ୍ତ ହେବ – ଗଣତନ୍ତ୍ରର ପ୍ରଥମ କାମ ସେମିତି ହେବ କି ନାହିଁ ସେ ନେଇ ମୋର ସନ୍ଦେହ ଅଛି।' (ବର୍ଣ୍ଣଷ୍ଟାଇନ, 'ମୂଳ ସୂତ୍ର, ଜର୍ମାନ ସଂସ୍କରଣ, ୧୮୯୯, ପୃ: ୧୩୪ ଓ ୧୩୬)।

ମାର୍କ୍ସଙ୍କର 'ପରଜୀବୀ ରଷ୍ଟ୍ରକ୍ଷମତା ଧ୍ୱଂସ' ମତବାଦକୁ ପ୍ରୁଧୋଁଙ୍କର ଯୁକ୍ତରାଷ୍ଟ୍ରୀୟତା ମତ ସହ ଏପରି ବିଭ୍ରାନ୍ତିକର ଭାବେ ଗୋଳେଇଦେବା ସତରେ ବିଭତ୍ସ। କିନ୍ତୁ ଏହା ଆକସ୍ମିକ ନୁହେଁ, କାରଣ ସୁବିଧାବାଦୀ କେବେ ବି ବୁଝିପାରନ୍ତି ନାହିଁ ଯେ ମାର୍କ୍ସ ଏଠାରେ ଆଦୌ କେନ୍ଦ୍ରିକତା ବିରୁଦ୍ଧରେ ଯୁକ୍ତରାଷ୍ଟ୍ରୀୟତାର କଥା କହୁନାହାନ୍ତି; କହୁଛନ୍ତି ସମସ୍ତ ବୁର୍ଜୁଆ ଦେଶଗୁଡିକରେ ପ୍ରଚଳିତ ପୁରୁଣା ବୁର୍ଜୁଆ ରାଷ୍ଟ୍ରଯନ୍ତ୍ରର ଧ୍ୱଂସର କଥା।

ଜଣେ ସୁବିଧାବାଦୀ କେବଳ ସେତିକି ବୁଝେ, ଯାହା ସେ ନିଜ ଚତୁଃପାର୍ଶ୍ୱରେ ପେଟିବୁର୍ଜୁଆ ଗତାନୁଗତିକତା ଓ ସଂସ୍କାରବାଦୀ ସ୍ଥବିର ପରିବେଶରେ ଦେଖେ, ଯଥା କେବଳ 'ମ୍ୟୁନିସିପାଲିଟି'। ଶ୍ରମିକ ବିପ୍ଳବର କଥା ଭାବିବାକୁ ବି ସୁବିଧାବାଦୀ ଭୁଲିଯାଏ।

ନିହାତି ହାସ୍ୟକର କଥା। କିନ୍ତୁ ଲକ୍ଷଣୀୟ, ଏ ବିଷୟରେ ବର୍ଣ୍ଣଷ୍ଟାଇନଙ୍କ କଥାର ପ୍ରତିବାଦ କେହି କରିନାହାନ୍ତି। ଅନେକ, ବିଶେଷ ଭାବେ ନିଜର ଋଷୀୟ ଲେଖାରେ ପ୍ଲେଖାନୋଭ ଓ ୟୁରୋପୀୟ ଲେଖାରେ କାଉଟସ୍କି, ବର୍ଣ୍ଣଷ୍ଟାଇନଙ୍କ ଯୁକ୍ତିକୁ ଅନେକ ଥର ଖଣ୍ଡନ କରିଛନ୍ତି, କିନ୍ତୁ ବର୍ଣ୍ଣଷ୍ଟାଇନ ଯେ ଏପରି ଭାବେ ମାର୍କ୍ସଙ୍କୁ ବିକୃତ କରିଛନ୍ତି, ସେ ବିଷୟରେ ଏମାନେ କେହି କିଛି କହିନାହାନ୍ତି।

ବିପ୍ଳବୀ ଭଳି ଓ ବିପ୍ଳବକୁ ନେଇ ଭାବିବାକୁ ସୁବିଧାବାଦୀମାନେ ଏତେଟା ଭୁଲିଯାଇଛନ୍ତି ଯେ 'ଯୁକ୍ତରାଷ୍ଟ୍ରୀୟତା' ମତବାଦକୁ ମାର୍କ୍ସଙ୍କ ଉପରେ ଆରୋପିତ କରି ଏବଂ ନୈରାଜ୍ୟବାଦର ପ୍ରବର୍ତ୍ତକ ପ୍ରୁଧୋଁଙ୍କ ସହ ମାର୍କ୍ସଙ୍କୁ ଗୋଳେଇ ଦେଇଛନ୍ତି। ପୁଣି, କାଉଟସ୍କି ଓ ପ୍ଲେଖାନୋଭ ନିଜକୁ କଟ୍ଟର ମାର୍କ୍ସବାଦୀ କହିଲେ ବି ଏ ବିଷୟରେ ସେମାନେ ନିରବ। ଏଇଠି ହିଁ ନିହିତ ଅଛି ମାର୍କ୍ସବାଦ ଓ ନୈରାଜ୍ୟବାଦ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ମତାମତର ଚରମ ଅପବ୍ୟାଖ୍ୟାର ମୂଳ ସୂତ୍ର ଯାହା କାଉଟସ୍କିପନ୍ଥୀ ଓ ସୁବିଧାବାଦୀମାନଙ୍କର ବୈଶିଷ୍ଟ୍ୟ। ଆମେ ପରେ ଏ ବିଷୟରେ ଆଲୋଚନା କରିବା।

କମ୍ୟୁନର ଅଭିଜ୍ଞତା ବିଷୟରେ ମାର୍କ୍ସଙ୍କର ଯେଉଁ ବକ୍ତବ୍ୟ ଆମେ ଉଦ୍ଧୃତ କରିଛୁ, ସେଥିରେ 'ଯୁକ୍ତରାଷ୍ଟ୍ରୀୟତା'ର ନାଁ ଗନ୍ଧ ନାହିଁ। ଠିକ ଯେଉଁ ପ୍ରସଙ୍ଗରେ ମାର୍କ୍ସ ପ୍ରୁଧୋଁଙ୍କ ସହ ଏକମତ ଥିଲେ, ତା' ସୁବିଧାବାଦୀ ବର୍ଣ୍ଣଷ୍ଟାଇନ ଦେଖି ପାରି ନାହାନ୍ତି। ବର୍ଣ୍ଣଷ୍ଟାଇନ ଯେଉଁ ପ୍ରସଙ୍ଗରେ ମାର୍କ୍ସ ଓ ପ୍ରୁଧୋଁଙ୍କ ଭିତରେ ଐକ୍ୟ ମତ ଲକ୍ଷ୍ୟ କରିଛନ୍ତି, ଠିକ ସେଇ ପ୍ରସଙ୍ଗରେ ହିଁ ପ୍ରୁଧୋଁଙ୍କ ସହ ମାର୍କ୍ସଙ୍କର ମତବିରୋଧ ଥିଲା।

ପ୍ରୁଧୋଁ ଓ ମାର୍କ୍ସ ଉଭୟ ଆଧୁନିକ ରାଷ୍ଟ୍ରଯନ୍ତ୍ରକୁ ଧ୍ୱଂସ କରିବା ପାଇଁ ଚାହୁଁଥିଲେ – ଏଇଠି ଦି ଜଣଙ୍କର ମତ ମିଶିଯାଏ। ମାର୍କ୍ସବାଦ ଓ ନୈରାଜ୍ୟବାଦ (ଉଭୟ ପ୍ରୁଧୋଁ ଓ ବାକୁନିନଙ୍କର) ମଧ୍ୟରେ ଏହି ସାଦୃଶ୍ୟକୁ କାଉଟସ୍କିପନ୍ଥୀ କିମ୍ବା ସୁବିଧାବାଦୀମାନେ ଦେଖିବାକୁ ଚାହାନ୍ତି ନାହିଁ, କାରଣ ଏ ବିଷୟରେ ସେମାନେ ନିଜେ ମାର୍କ୍ସବାଦରୁ ବିଚ୍ୟୁତ ହେଇସାରିଛନ୍ତି।

ଉଭୟ ପ୍ରୁଧୋଁ ଓ ବାକୁନିନଙ୍କ ସହ (ସର୍ବହରା ଶ୍ରେଣୀର ଏକନାୟକତ୍ୱ କଥାକୁ ବାଦ ଦେଲେ ବି) ଯୁକ୍ତରାଷ୍ଟ୍ରୀୟତା ପ୍ରଶ୍ନରେ ମାର୍କ୍ସଙ୍କର ମତପାର୍ଥକ୍ୟ ଥିଲା। ନୈରାଜ୍ୟବାଦର ପେଟିବୁର୍ଜୁଆ ଧାରଣାରୁ ହିଁ ଯୁକ୍ତିସଙ୍ଗତ ଭାବେ ଏକ ନୀତି ହିସାବରେ ଯୁକ୍ତରାଷ୍ଟ୍ରୀୟତାର ଉଦ୍ଭବ। ମାର୍କ୍ସ ଥିଲେ କେନ୍ଦ୍ରୀକରଣବାଦୀ। ଉପରେ ମାର୍କ୍ସଙ୍କର ଯେଉଁ ବକ୍ତବ୍ୟ ଦିଆଯାଇଛି, ସେଥିରେ ବି ମାର୍କ୍ସ କେନ୍ଦ୍ରିକତାର ଧାରଣାରୁ ଟିକିଏ ବି ବିଚ୍ୟୁତ ହେଇନାହାନ୍ତି। ରାଷ୍ଟ୍ର ସମ୍ପର୍କରେ ଯେଉଁ ମାନଙ୍କର ସଙ୍କୀର୍ଣ୍ଣ 'କୁସଂସ୍କାରାପନ୍ନ ବିଶ୍ୱାସ' ଅଛି, କେବଳ ସେଇମାନେ ହିଁ ବୁର୍ଜୁଆ ରାଷ୍ଟ୍ରଯନ୍ତ୍ରର ବିନାଶକୁ କେନ୍ଦ୍ରିକତାର ବିଲୋପ ବୋଲି ଭୁଲ କରି ପାରନ୍ତି।

ତେବେ, ଯଦି ସର୍ବହରା ଶ୍ରେଣୀ, ଦରିଦ୍ର କୃଷକ ସମାଜ ରାଷ୍ଟ୍ରକ୍ଷମତା ଦଖଲ କରନ୍ତି, କମ୍ୟୁନ ମଧ୍ୟରେ ସ୍ୱାଧୀନ ଭାବେ ନିଜକୁ ସଂଗଠିତ କରନ୍ତି ଏବଂ ପୁଞ୍ଜି ବିରୁଦ୍ଧରେ ଲଢେଇ କରନ୍ତି, ପୁଞ୍ଜିପତିମାନଙ୍କର ପ୍ରତିରୋଧକୁ ଚୂର୍ଣ୍ଣ କରିବାକୁ ଏବଂ ରେଳପଥ, କଳକାରଖାନା, ଜମି ଇତ୍ୟାଦି ମାଲିକାନା ବ୍ୟକ୍ତି ନିକଟରୁ ନେଇ ସମଗ୍ର ଜାତି ଓ ସମାଜକୁ ଅର୍ପଣ କରିବାକୁ ସେମାନେ ଯଦି ସବୁ କମ୍ୟୁନର କାର୍ଯ୍ୟକଳାପକୁ ଐକ୍ୟବଦ୍ଧ କରନ୍ତି, ତା'ହେଲେ କ'ଣ କେନ୍ଦ୍ରିକତା ହେବ ନାହିଁ? ତା' କ'ଣ ସବୁଠାରୁ ସୁସଙ୍ଗତ କେନ୍ଦ୍ରିକତା ହେବ ନାହିଁ? ତା' କ'ଣ ସର୍ବହରା କେନ୍ଦ୍ରିକତା ହେବ ନାହିଁ?

ବର୍ଣ୍ଣଷ୍ଟାଇନ ସ୍ୱେଚ୍ଛାକୃତ କେନ୍ଦ୍ରିକତାର ସମ୍ଭାବନା କଥା ଭାବି ବି ପାରନ୍ତି ନାହିଁ। ଭାବି ପାରନ୍ତି ନାହିଁ ଯେ କମ୍ୟୁନଗୁଡିକ ନିଜ ଇଚ୍ଛାରେ ଗୋଟିଏ ଜାତିରେ ଐକ୍ୟବଦ୍ଧ ହେଇପାରନ୍ତି, ବୁର୍ଜୁଆ ଶାସନ ଓ ବୁର୍ଜୁଆ ରାଷ୍ଟ୍ରଯନ୍ତ୍ରର ଧ୍ୱଂସ ପାଇଁ ସର୍ବହରା ଶ୍ରେଣୀର କମ୍ୟୁନ ଗୁଡିକ ଐକ୍ୟବଦ୍ଧ ହେଇପାରନ୍ତି। ସବୁ କୂପମଣ୍ଡୁକମାନଙ୍କ ଭଳି ବର୍ଣ୍ଣଷ୍ଟାଇନ ଭାବନ୍ତି କେନ୍ଦ୍ରିକତା ଉପରୁ ଲଦି ଦିଆଯାଉଥିବା ଗୋଟିଏ ବସ୍ତୁ, ଯାହା କେବଳ ଅମଲାତନ୍ତ୍ର ଓ ସାମରିକ ଚକ୍ରର ସାହାଯ୍ୟରେ ଉପରୁ ଚାପି ଦିଆଯାଇ ପାରିବ ଓ ବଜାୟ ରଖାଯାଇପାରିବ।

ଭବିଷ୍ୟତରେ ତାଙ୍କ ନିଜ ମତାମତର ବିକୃତି ଘଟିବାର ସମ୍ଭାବନା ଯେ ଅଛି, ତା' ବୁଝି, ମାର୍କ୍ସ ଏହି କଥା ଉପରେ ବିଶେଷ ଜୋର ଦେଇଥିଲେ ଯେ, କମ୍ୟୁନ ଜାତୀୟ ଐକ୍ୟ ଧ୍ୱଂସ କରିବାକୁ ଓ କେନ୍ଦ୍ରୀୟ ଶକ୍ତିର ବିଲୋପ ଘଟେଇବାକୁ ଚାହୁଁଥିଲା ବୋଲି ଯେଉଁ ଅଭିଯୋଗ ଉଠିବ, ତା ଅସଲରେ ଇଚ୍ଛାକୃତ ମିଥ୍ୟା ପ୍ରଚାର। ବୁର୍ଜୁଆ, ସାମରିକ-ଅମଲାତାନ୍ତ୍ରିକ କେନ୍ଦ୍ରିକତା ବିରୁଦ୍ଧରେ ସଚେତନ, ଗଣତାନ୍ତ୍ରିକ, ସର୍ବହରା ଶ୍ରେଣୀର କେନ୍ଦ୍ରିକତାକୁ ତୋଳି ଧରିବା ଉଦ୍ଦେଶ୍ୟରେ ହିଁ ମାର୍କ୍ସ ଇଚ୍ଛା କରି 'ଜାତିର ଐକ୍ୟ ସଂଗଠିତ କରିବାକୁ ହେବ' କଥାଟିକୁ ବ୍ୟବହାର କରିଛନ୍ତି।

କିନ୍ତୁ ଏଇ କଥାଟିକୁ ଯିଏ ଶୁଣିପାରିବାକୁ ଅକ୍ଷମ ତାଙ୍କ ଭଳି ବଧିର ଆଉ କେହି ନାହିଁ। ଏବଂ ଆଜି ସୋସିଆଲ ଡେମୋକ୍ରାସିର ସୁବିଧାବାଦୀମାନେ ରାଷ୍ଟ୍ରକ୍ଷମତାର ଧ୍ୱଂସ ଓ ପରଜୀବୀ ଅଧିକ୍ଷିତ ଅଂଗକୁ କାଟି ବାହାର କରିବା କଥାକୁ ଶୁଣିବାକୁ ଚାହାନ୍ତି ନାହିଁ।

### ପରଜୀବୀ ରାଷ୍ଟ୍ରର ବିଲୋପ

ଇତିପୂର୍ବେ ଆମେ ଏ ବିଷୟରେ ମାର୍କ୍ସଙ୍କର ଉକ୍ତିର ଉଦ୍ଧୃତି ଦେଇଛୁ। ଏବେ ତାଙ୍କର ଉପସ୍ଥାପନାଟିକୁ ସମ୍ପୂର୍ଣ୍ଣ କରିବା ଦରକାର। ମାର୍କ୍ସ ଲେଖିଛନ୍ତି:-

ସାଧାରଣତଃ, ସବୁ ସମ୍ପୂର୍ଣ୍ଣ ନୂଆ ଐତିହାସିକ ସର୍ଜନାର ଭାଗ୍ୟରେ ଏମିତି ହୁଏ; ଏହି ସର୍ଜନା ଠାରୁ ପୁରୁଣା, ଏପରିକି ଅଚଳ ହେଇଯାଇଥିବା କୌଣସି ସାମାଜିକ ରୂପ ସହ ଯଦି ଏହାର ସାମାନ୍ୟତମ ସାଦୃଶ୍ୟ ଥାଏ, ଏହି ନୂତନ ସର୍ଜନାକୁ ପୁରୁଣାର ହିଁ ପ୍ରତିରୂପ ବୋଲି କହି ଭୁଲ କରାଯାଏ। ନୂଆ କମ୍ୟୁନ୍, ଯାହା ଆଧୁନିକ ରାଷ୍ଟ୍ରଶକ୍ତିକୁ ଭାଙ୍ଗିଦିଏ, ତାକୁ ହିଁ ମଧ୍ୟଯୁଗୀୟ କମ୍ୟୁନର ନୂଆ ସଂସ୍କରଣ ବୋଲି ଦର୍ଶାଯାଉଛି। ..... ଏଇଟା ଯେମିତି ଛୋଟ ଛୋଟ ରାଜ୍ୟର ମିଳିତ ଗୋଟିଏ ଯୁକ୍ତରାଷ୍ଟ୍ର (ମନ୍ତେସ୍କୁ ଓ ଜିରୋଣ୍ଡିନ ଯେମିତି ମନେ କରନ୍ତି)......ଏଇଟା ଯେମିତି ଅତିକେନ୍ଦ୍ରିକତାର ବିରୁଦ୍ଧରେ ପୁରୁଣା ସଂଗ୍ରାମର ଗୋଟିଏ ବର୍ଦ୍ଧିତ ରୂପ।

ସମାଜର ଯେଉଁ ଶକ୍ତିକୁ ଖାଇପିଇ ସମାଜର ଗୋଟିଏ ପରଜୀବୀ କ୍ଷତ ଭଳି ଏତେ ଦିନ ଯେଉଁ ରାଷ୍ଟ୍ର ତିଷ୍ଠି ରହିଛି, ତା' ସମାଜର ସ୍ୱାଭାବିକ ଗତିକୁ ରୁଦ୍ଧ କରି ଚାଲିଛି। କମ୍ୟୁନ ରାଷ୍ଟ୍ରର ଗଠନ ଦ୍ୱାରା ସମାଜ ନିଜର ଏହି ଶକ୍ତିକୁ ଫେରି ପାଇପାରିଥାନ୍ତା। ଏହି ଗୋଟିଏ ମାତ୍ର କାମ ଫଳରେ ଫ୍ରାନ୍ସର ପୁନର୍ଜୀବନର ଅୟମାରମ୍ଭ ହେଇଯାଇଥା'ନ୍ତା।

......କମ୍ୟୁନର ସମ୍ବିଧାନ ଗ୍ରାମ୍ୟ ଉତ୍ପାଦକମାନଙ୍କୁ ସେମାନଙ୍କ ଜିଲ୍ଲାର କେନ୍ଦ୍ରୀୟ ସହରଗୁଡିକରେ ଥିବା ବୁଦ୍ଧିବୃତ୍ତିସମ୍ପନ୍ନ ନେତୃତ୍ୱର ଅଧୀନକୁ ଆଣିପାରିଥା'ନ୍ତା। ସେଇଠି ଶ୍ରମଜୀବୀମାନଙ୍କ ମଧ୍ୟରେ ସେମାନେ ସେମାନଙ୍କ ସ୍ୱାର୍ଥର ସ୍ୱାଭାବିକ ରକ୍ଷକମାନଙ୍କୁ ଖୋଜି ପାଇଥା'ନ୍ତେ। ସ୍ଥାନୀୟ ସ୍ୱାୟତ୍ତ ଶାସନର ସ୍ୱାଭାବିକ ସ୍ୱୀକୃତି ସହ କମ୍ୟୁନର ଅସ୍ତିତ୍ୱ ଜଡିତ। କିନ୍ତୁ ଅନାବଶ୍ୟକ ହେଇଯାଇଥିବା ରାଷ୍ଟ୍ରଶକ୍ତିକୁ ସଂଯତ କରିବାକୁ ତା'ର ଆଉ ଆବଶ୍ୟକତା ରହିନଥାନ୍ତା। (ଫ୍ରାନ୍ସରେ ଗୃହଯୁଦ୍ଧ, ପୂର୍ବୋକ୍ତ ଇଂରାଜୀ ସଂସ୍କରଣ, ପୃ ୮୧-୯୨)

'ଆଧୁନିକ ରାଷ୍ଟ୍ରଶକ୍ତିକୁ ଭାଙ୍ଗିଦେବା', ଏହି 'ପରଜୀବୀ କ୍ଷତ'କୁ 'କାଟି ବାହାର କରିଦେବା', ଏହାର 'ବିନାଶ', 'ରାଷ୍ଟ୍ରଶକ୍ତି ସେତେବେଳେ ଅନାବଶ୍ୟକ- କମ୍ୟୁନର ଅଭିଜ୍ଞତାକୁ ବିଶ୍ଳେଷଣ କରିବା ସମୟରେ ମାର୍କ୍ସ ଏସବୁ କଥା ବ୍ୟବହାର କରିଥିଲେ।

ପଚାଶ ବର୍ଷରୁ କମ ସମୟ ପୂର୍ବେ ଏସବୁ କଥା ଲେଖା ହୋଇଥିଲା। ଅଥଚ ମାର୍କ୍ସଙ୍କର ସଠିକ ତତ୍ତ୍ୱକୁ ଜନସାଧାରଣଙ୍କୁ ଜଣେଇବାକୁ ଗଲେ ଆଜି ଯେମିତି ପ୍ରତ୍ନତାତ୍ତ୍ୱିକ ଗବେଷଣା କରିବାକୁ ହେଉଛି। ଯେଉଁ ବିରାଟ ବିପ୍ଳବର କର୍ମଯଜ୍ଞ ଭିତରେ ମାର୍କ୍ସଙ୍କର ଜୀବନ ଅତିବାହିତ ହେଇଥିଲା, ଯେଉଁ ବିପ୍ଳବକୁ ପର୍ଯ୍ୟବେକ୍ଷଣ କରି, ଯାଞ୍ଚକରି, ମାର୍କ୍ସ ତାଙ୍କ ସିଦ୍ଧାନ୍ତରେ ଉପନୀତ ହେଇଥିଲେ, ଆଜି ସେହି ବିପ୍ଳବର ପରବର୍ତ୍ତୀ ବିପ୍ଳବର ସମୟ ଉପସ୍ଥିତ। ଠିକ ସେହି ସମୟରେ ମାର୍କ୍ସଙ୍କର ସେହି ସିଦ୍ଧାନ୍ତକୁ ଭୁଲ ଭାବେ ଉପସ୍ଥାପିତ କରା ହେଉଛି।

'କମ୍ୟୁନର ଅର୍ଥ ଅସଂଖ୍ୟ ରୂପେ ତର୍ଜମା କରାଯାଇଛି। ବହୁଜନର ସ୍ୱାର୍ଥ ଏହି ସବୁ ତର୍ଜମାରେ ରୂପ ପାଇଛି।ଏଥିରୁ ବୁଝିହୁଏ, କମ୍ୟୁନ ଥିଲା ସବୁଦିଗରୁ ନମନୀୟ ଗୋଟିଏ ରାଜନୈତିକ ରୂପ। ଅନ୍ୟ ଦୃଷ୍ଟିରୁ, କମ୍ୟୁନର ପୂର୍ବବର୍ତ୍ତୀ ସମସ୍ତ ସରକାରର ରୂପ ଦମନ-ପୀଡନର ଥିଲା। ଏହାର ମୂଳ କାରଣ, ଏହି କମ୍ୟୁନ ଥିଲା ମୂଳତଃ ଶ୍ରମିକ ଶ୍ରେଣୀର ନିଜସ୍ୱ ଶାସନ ବ୍ୟବସ୍ଥା। ଅପରର ଶ୍ରମଫଳକୁ ଆତ୍ମସାତ

*ଅବଶିଷ୍ଟାଂଶ ୭ମ ପୃଷ୍ଠାରେ*

# ନିର୍ବାଚନ ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଆର୍ଥିକ ସହାୟତା : ସାଧାରଣ ଲୋକଙ୍କୁ ପ୍ରତାରିତ କରିବାପାଇଁ ହୀନ ଉଦ୍ୟମ

ଖୁବଶୀଘ୍ର ଦେଶରେ ସାଧାରଣ ନିର୍ବାଚନ ସହିତ ରାଜ୍ୟ ବିଧାନସଭାପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ନିର୍ବାଚନ ଘୋଷଣା ପୂର୍ବରୁ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ନିଜ ଆଡକୁ ଆକୃଷ୍ଟ କରି ସେମାନଙ୍କର ଭୋଟ ହାତେଇବାପାଇଁ ମହା ଆଡମ୍ବରରେ ବିଭିନ୍ନ ପ୍ରକାର ସହାୟତା ଘୋଷଣା କରୁଛନ୍ତି। ଏହାବ୍ୟତୀତ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ପ୍ରକଳ୍ପର ଶିଳାନ୍ୟାସ ଚାଲିଚି। ସରକାରୀ ତହବିଲରୁ ପାଣିଭଳି ଟଙ୍କା ଖର୍ଚ୍ଚକରି ଏସବୁର ବ୍ୟାପକ ବିଜ୍ଞାପନ କରାଯାଉଛି। ଭୋଟ ଆସିଲେ ଭୋଟ ସର୍ବସ୍ୱ ସରକାରୀ ଓ ବିରୋଧୀ ଦଳ ମାନଙ୍କର ଲୋକଙ୍କ କଥା ମନେପଡେ। ସେଥିପାଇଁ ଭୋଟପୂର୍ବରୁ ନୂଆ ନୂଆ ସ୍ଲୋଗାନ ଶୁଣିବାକୁ ମିଳେ, ପ୍ରତିଶ୍ରୁତିର ବନ୍ୟା ବହିଯାଏ। ସରକାରକୁ ଆସିଲେ ଲୋକଙ୍କୁ ଘିଅ ମହୁରେ ଭସାଇ ଦେବେ ବୋଲି ରାଜନୈତିକ ଦଳମାନେ ପ୍ରତିଶ୍ରୁତି ଦିଅନ୍ତି। ଚଳିତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏହାର ପୁନରାବୃତ୍ତି ଦେଖିବାକୁ ମିଳୁଛି। ଅତୀତରେ କଂଗ୍ରେସ ଶାସନରେ ସମାଜବାଦୀ ଢାଂଚାର ସମାଜ, ଗରିବି ହଟାଓ, ଶିଳ୍ପ ବିପ୍ଳବ ଭଳି ମୋଦିଙ୍କ ଶାସନ କାଳରେ ଆଚ୍ଛେଦିନ, ମେକ ଇନ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ଷ୍ଟାର୍ଟ୍ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ଅମୃତକାଳ, ବିକଶିତ ଭାରତ ଏବଂ ରାଜ୍ୟ ବିଜେଡି ସରକାରର ଶିଳ୍ପାୟନ, ବିକାଶ ଓ ଓଡିଆ ଅସ୍ମିତା ଭଳି କେତେ ମନଲୋଭା, ଶ୍ରୁତି ମଧୁର ସ୍ଲୋଗାନ ଦିଆଯାଉଛି ଏବଂ ଗଣମାଧ୍ୟମରେ ଏସବୁର କାନଫଟା ପ୍ରଚାର ଚାଲିଛି। ମାତ୍ର ଏସବୁ ସତ୍ତ୍ୱେ ଦେଶର ସଂସଦୀୟ ଗଣତନ୍ତ୍ରର ଆୟୁ ଯେତେ ବଢୁଛି ସାଧାରଣ ଲୋକଙ୍କ ଅବସ୍ଥା ସେତେ ଶୋଚନୀୟ ହେଉଛି। ନିର୍ମମ ପୁଞ୍ଜିବାଦୀ ଶୋଷଣ ମେହେନତୀ ମଣିଷର ରକ୍ତ ଶୋଷି ନେଉଛି। ଦେଶର ସାଧାରଣ ମଣିଷର ଜୀବନ ଦୁର୍ବିସହ। ଏହି ପରିସ୍ଥିତିରେ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଅଭୁକ୍ତ, ଅର୍ଦ୍ଧଭୁକ୍ତ, ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ଜନସାଧାରଣଙ୍କୁ ପୂର୍ବରୁ ଦିଆଯାଉଥିବା ମାମୁଲି ସହାୟତା ରାଶିକୁ ସାମାନ୍ୟ ବୃଦ୍ଧିକରି ସେମାନଙ୍କୁ ପ୍ରଲୁବ୍ଧ କରିବା ପାଇଁ ଉଦ୍ୟମ କରୁଛନ୍ତି।

ଆଜିର ମହରଗ କାଳରେ ମାସିକ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତାକୁ ୫୦୦ରୁ ୧୦୦୦ଟଙ୍କାକୁ ବୃଦ୍ଧିକରି ସରକାର ବାହାବା ନେବାପାଇଁ ଜନସାଧାରଣଙ୍କ ଟିକସ ଅର୍ଥ ପାଣିଭଳି ଖର୍ଚ୍ଚ କରି ଗଣମାଧ୍ୟମରେ ବ୍ୟାପକ ପ୍ରଚାର କରୁଛନ୍ତି। ସେହିଭଳି ମାମୁଲି ଭତ୍ତା ପାଉଥିବା କଳାକାର, ବୁଣାକାର, ହସ୍ତଶିଳ୍ପୀ, ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ଭତ୍ତା ମଧ୍ୟ ଅତି ସାମାନ୍ୟ ମାମୁଲି ବୃଦ୍ଧି କରାଯାଇଛି। ଅନ୍ୟଦିଗରେ ସ୍ୱାବଲମ୍ବୀ କାରିଗର, ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ଓ କର୍ମଚାରୀ, ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ପ୍ରଭୃତି ବର୍ଗର ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକରେ କାମକରୁଥିବା ଗୋଷ୍ଠୀର କର୍ମଚାରୀମାନଙ୍କ ପାରିଶ୍ରମିକ ମାମୁଲି ବୃଦ୍ଧି କରାଯାଇଛି। ଆମେ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁଛୁ ଯେ ମର୍ଯ୍ୟାଦାର ସହିତ ବଂଚିବାର ଅଧିକାର ଦେଶର ପ୍ରତ୍ୟେକ ନାଗରିକଙ୍କର ରହିଛି ଏବଂ ଏହାର ବ୍ୟବସ୍ଥା କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। ମାତ୍ର ସରକାରମାନଙ୍କ ବିଚାରରେ ଏ ଦେଶର ଦରିଦ୍ର ଲୋକଙ୍କର କୌଣସି ମର୍ଯ୍ୟାଦା ନାହିଁ; ସେଥିପାଇଁ ସହାୟତା ନାମରେ ଏହି ସବୁ ବର୍ଗର ଲୋକଙ୍କୁ ସରକାର ଯାହା ଦିଅନ୍ତି, ତା' ସଂପୃକ୍ତ ଲୋକମାନଙ୍କର ବଂଚିବା ପାଇଁ କେବଳ ଅପର୍ଯ୍ୟାପ୍ତ ତା' ନୁହେଁ, ସେମାନଙ୍କ ପାଇଁ ଅମର୍ଯ୍ୟାଦାକର ମଧ୍ୟ।

ଏହା ବ୍ୟତୀତ ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକରେ ଦଶଂଧି ଦଶଂଧି ଧରି ମାମୁଲି ପାରିଶ୍ରମିକରେ କାମକରୁଥିବା ପାଚିକା-ସହାୟିକା, ଆଶାକର୍ମୀ, ଅଙ୍ଗନବାଡି କର୍ମୀଙ୍କ ଭଳି ସ୍କିମ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମର୍ଯ୍ୟାଦା ଦେବା, ସରକାରୀ କର୍ମଚାରୀ କରିବା ପର୍ଯ୍ୟନ୍ତ ସେମାନଙ୍କୁ ମାସିକ ସର୍ବନିମ୍ନ ୨୪ହଜାର ଟଙ୍କା ପାରିଶ୍ରମିକ ଦେବାପାଇଁ ଦୀର୍ଘଦିନରୁ ଦାବି କରାଯାଉଛି। ମାତ୍ର ଏହି ସ୍କିମ୍ ୱାର୍କର ମାନଙ୍କର ନ୍ୟାୟସଂଗତ ଦାବି ପୂରଣ କରିବା ପରିବର୍ତ୍ତେ ରାଜ୍ୟ ସରକାର ସେମାନଙ୍କର ପାରିଶ୍ରମିକ ମାମୁଲି ବୃଦ୍ଧିକରି ସମାଜର ସବୁଠାରୁ ଦୁର୍ବଳ ବର୍ଗର ମହିଳାମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଏହାବ୍ୟତୀତ ସ୍ଥାୟୀକାମରେ ଠିକା କର୍ମଚାରୀ ଓ ଆଉଟ୍‌ସୋର୍ସିଂ କର୍ମଚାରୀମାନଙ୍କୁ ନିଯୁକ୍ତ କରି ବର୍ଷ ବର୍ଷ ଧରି ସେମାନଙ୍କୁ ସରକାରହିଁ ଶୋଷଣ କରୁଛନ୍ତି। ଏହି ବର୍ଗର କର୍ମଚାରୀମାନଙ୍କୁ ନିଯୁକ୍ତି ଦିନରୁହିଁ ସ୍ଥାୟୀ କରିବା, ସମାନ ସ୍ତରର ସ୍ଥାୟୀ କର୍ମଚାରୀମାନଙ୍କ ଭଳି ଚାକିରି ସର୍ତ୍ତାବଳୀ ସ୍ଥିର କରିବା ଏବଂ ସ୍ଥାୟୀ କରାଯିବା ପର୍ଯ୍ୟନ୍ତ ସମାନ କାମକୁ ସମାନ ପ୍ରାପ୍ୟ ପ୍ରଦାନ ନୀତିର ଅନୁସରଣରେ ସେମାନଙ୍କୁ ଉପଯୁକ୍ତ ଦରମା ପ୍ରଦାନ କରିବାପାଇଁ ଦୀର୍ଘଦିନରୁ ଦାବି କରାଯାଉଛି। ମାତ୍ର ଏହି ବର୍ଗର କର୍ମଚାରୀମାନଙ୍କର ମୁଖ୍ୟ ଦାବିକୁ ଉପେକ୍ଷାକରି ସରକାର ସେମାନଙ୍କ ପାଇଁ ମାମୁଲି ପାରିଶ୍ରମିକ ବୃଦ୍ଧିକରି ସେମାନଙ୍କୁ ପ୍ରତାରିତ କରିଛନ୍ତି।

ଏହି ପ୍ରସଙ୍ଗରେ ଆଉ ଏକ ଦିଗ ଉପରେ ଦୃଷ୍ଟିପାତ କରାଯିବା ଆବଶ୍ୟକ। ସମଗ୍ର ଦେଶରେ, ବିଶେଷକରି ଆମ ରାଜ୍ୟରେ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଶିକ୍ଷାର ସୁଯୋଗରୁ ବଂଚିତ ବେକାର ଯୁବକ ଯୁବତୀ ମାନଙ୍କୁ ଉପଯୁକ୍ତ ନିଯୁକ୍ତି ଦେବାପାଇଁ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ବର୍ଷକୁ ୨କୋଟି ଲୋକଙ୍କୁ ସରକାରୀ ଚାକିରି ଦେବାପାଇଁ ୨୦୧୪ ମସିହା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି ପାଣିର ଗାର ପ୍ରମାଣିତ ହୋଇଛି। ସେହିଭଳି ରାଜ୍ୟର ଶିଳ୍ପାୟନ, ବିକାଶ ଓ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟିର ସ୍ଲୋଗାନ ଦେଇଆସୁଥିବା ରାଜ୍ୟ ବିଜେଡି ସରକାର ମଧ୍ୟ ପେଟ ଚାଖଣ୍ଡପାଇଁ ଦେଶସାରା ବାତଚକ୍ରଭଳି ଘୁରିବୁଲୁଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତିର କୌଣସି ସୁଯୋଗ ସୃଷ୍ଟି କରିପାରି ନାହିଁ। ମାତ୍ର ନିର୍ବାଚନ ପୂର୍ବରୁ କାମ ଖୋଜିବୁଲୁଥିବା ଏହି ଯୁବକ ଯୁବତୀମାନଙ୍କୁ ବିଭ୍ରାନ୍ତ କରିବାପାଇଁ ରାଜ୍ୟ ସରକାର ଦେଶୀ, ବିଦେଶୀ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରି ଏକ ହାୱା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ଅଳ୍ପ କେତେଦିନ ପୂର୍ବରୁ ସରକାର ଇତିମଧ୍ୟରେ ବିଭିନ୍ନ କମ୍ପାନୀ ସହିତ ବହୁ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ନିକଟ ଅତୀତରେ ପାରାଦ୍ୱୀପଠାରେ ସମନ୍ୱିତ ଇସ୍ପାତ କାରଖାନା, ଜେଏସ୍‌ଡବ୍ଲୁର କାରଖାନା, ଖୋର୍ଦ୍ଧାରେ ଫୁଡପାର୍କ, ଶିଳ୍ପ ପାର୍କ, ଭଦ୍ରକ ଜିଲ୍ଲାରେ ୧୫ଟି ନୂଆ ଶିଳ୍ପ ଏବଂ ଗୋପାଳପୁରଠାରେ ୟୁଟିଲିଟି କରିଡର ପ୍ରତିଷ୍ଠା ପାଇଁ ଚୁକ୍ତି ସ୍ୱାକ୍ଷର କରାଯାଇଛି। ତେବେ ବିଜେଡି ସରକାରର ୨୪ବର୍ଷର ଶାସନ ଉପରେ ଦୃଷ୍ଟି ପକାଇଲେ ଆମେ ଦେଖିବା ଯେ ଏହି ଦଳର ଶାସନକାଳରେ ବିଭିନ୍ନ କମ୍ପାନୀମାନଙ୍କ ସହିତ ଶହ ଶହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ପୁଞ୍ଜି ଆକର୍ଷଣ କରିବା ଆଳରେ ବହୁ କନ୍‌କ୍ଲେଭ ଦେଶ ବିଦେଶରେ ଆୟୋଜିତ ହୋଇଛି। ମାତ୍ର ଏହାଫଳରେ ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇନାହିଁ। ବରଂ ଶିଳ୍ପାୟନ ଆଳରେ ଚାଷୀ ହାତରୁ ବହୁ ଫସଲି ଜମି ଛଡାଇ ନିଆଯାଇଛି, ଖଣି, ପାଣି, ଜଙ୍ଗଲ, ପାହାଡ ସବୁକିଛି ଏକଚାଟିଆ ଶିଳ୍ପପତିମାନଙ୍କ ହାତକୁ ଟେକିଦିଆଯାଇଛି। ଏହାର ପ୍ରତିବାଦ କରୁଥିବା ଲୋକଙ୍କୁ ଜେଲରେ ଭର୍ତ୍ତି କରାଯାଇଛି, ଗୁଳିକରି ହତ୍ୟା କରାଯାଇଛି। ମାତ୍ର ଏସବୁ ସତ୍ତ୍ୱେ ମଧ୍ୟ ରାଜ୍ୟର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇନାହିଁ। ବର୍ତ୍ତମାନ ନିର୍ବାଚନର ଠିକ୍ ପୂର୍ବରୁ ରାଜ୍ୟ ବିଜେଡି ସରକାର ପୁଣି ଶିଳ୍ପାୟନର ଧୂଆଁବାଣ ମାରୁଛନ୍ତି। ମାତ୍ର ରାଜ୍ୟର ଜନସାଧାରଣ ଏହାଦ୍ୱାରା ପ୍ରଭାବିତ ହେବେ ନାହିଁ।

କେବଳ ସେତିକି ନୁହେଁ, ପ୍ରଥମଥର ଭୋଟରମାନଙ୍କୁ ଆକୃଷ୍ଟ କରିବାପାଇଁ ଦୀର୍ଘ ଦୁଇମାସରୁ ଅଧିକ ସମୟ ଧରି କୋଟି କୋଟି ଟଙ୍କା ଖର୍ଚ୍ଚକରି କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ନୂଆ-ଓ କାର୍ଯ୍ୟକ୍ରମ ଚାଲିଲା। ବାସ୍ତବରେ ଏସବୁ ହେଉଛି ବିଜେଡି ଦଳର ନିର୍ବାଚନୀ ସଭା। ଏହା ସତ୍ତ୍ୱେ ମଧ୍ୟ ବିଜେଡି ଦଳ ଏମାନଙ୍କ ଭୋଟ ପାଇବବୋଲି ନିଶ୍ଚିତ ହୋଇପାରିଲା ନାହିଁ। ବର୍ତ୍ତମାନ ଆରମ୍ଭ ହେଉଛି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଛାତ୍ର ବୃତ୍ତି ଆଳରେ ବାର୍ଷିକ ୯ରୁ ୧୧ହଜାର ଟଙ୍କା ବଣ୍ଟନ। ଏଥିପାଇଁ ପୁନର୍ବାର ସମଗ୍ର ରାଜ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଲୋକଙ୍କ ଟିକସ ଟଙ୍କାରେ ଦଳୀୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ଦିଗରେ କ୍ରମାଗତ ଭାବରେ ଶିକ୍ଷା ବଜେଟ୍ ହ୍ରାସ କରୁଛନ୍ତି ଅନ୍ୟଦିଗରେ ସରକାରୀ ଶିକ୍ଷାନୁଷ୍ଠାଗୁଡିକୁ ପରିକଳ୍ପିତ ଭାବରେ ଧ୍ୱଂସକରି ଘରୋଇ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରୁଛନ୍ତି। ସମସ୍ତ ବ୍ୟୟଭାର ରାଜ୍ୟର ସାଧାରଣ ଅଭିଭାବକମାନଙ୍କ ଉପରେ ଲଦି ଦେଉଛନ୍ତି। ସେଥିପାଇଁ ସରକାରୀ ହିସାବରେ ମାଟ୍ରିକପରେ ଶତକଡା ୫୦ଭାଗ ପିଲା ପାଠ ଛାଡି ଦେଉଛନ୍ତି। ଦେଶର ପ୍ରତ୍ୟେକଟି ପିଲାଙ୍କପାଇଁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ସଂପୂର୍ଣ୍ଣ ଦେୟ ମୁକ୍ତ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା ଓ ସ୍କୁଲ କଲେଜମାନଙ୍କରେ ଆବଶ୍ୟକ ସଂଖ୍ୟକ ସ୍ଥାୟୀ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ନୁଯୁକ୍ତି କରିବା ଏବଂ ଶିକ୍ଷା ଭିତ୍ତିଭୂମିର ଆବଶ୍ୟକ ଓ ଉପଯୁକ୍ତ ବିକାଶ କରିବା ପାଇଁ ସ୍ୱାଧୀନତା ପୂର୍ବରୁ ହିଁ ଦାବି କରାଯାଉଛି। ମାତ୍ର ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଏହି ଦାବି ପୂରଣ ହେବା ଦୂରେ ଥାଉ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସରକାର ହିଁ ଧ୍ୱଂସ କରୁଛନ୍ତି। ଏହି ପରିସ୍ଥିତିରେ ନିର୍ବାଚନ ଘୋଷଣାର ଠିକ୍ ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ମାମୁଲି ପରିମାଣର ଛାତ୍ରବୃତ୍ତି ବାଣ୍ଟିବା ଅତ୍ୟନ୍ତ ଲଜ୍ଜାଜନକ ଓ ସରକାରଙ୍କ ଦେବାଳିଆ ପଣିଆର ପରିଚାୟକ।

ଆହୁରି ମଧ୍ୟ ନୂଆ ଅଣଛାତ୍ର ଭୋଟରମାନଙ୍କୁ ପ୍ରତାରିତ କରିବାପାଇଁ ରାଜ୍ୟ ସରକାର ଠିକ ନିର୍ବାଚନ ପୂର୍ବରୁ 'ସ୍ୱୟମ୍' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଯୁବକମାନଙ୍କୁ ନିଜର ବ୍ୟବସାୟ କରିବା ପାଇଁ ବିନା ସୁଧରେ ୧ଲକ୍ଷ ଟଙ୍କା ଋଣ ପ୍ରଦାନ କରିବାପାଇଁ ଘୋଷଣା କରାଯାଇଛି। କହିବା ବାହୁଲ୍ୟ ୧ଲକ୍ଷ ଟଙ୍କାରେ ଆଜି ଦିନରେ କୌଣସି ବ୍ୟବସାୟ କରି କେହି ସ୍ୱାବଲମ୍ବୀ ହୋଇପାରିବ ନାହିଁ। ଏକଚାଟିଆ ପୁଞ୍ଜିର ଆକ୍ରମଣରେ ଯେତେବେଳେ ବଡବଡ ଶିଳ୍ପସଂସ୍ଥା ମାନଙ୍କ ସହିତ ପ୍ରତିଷ୍ଠିତ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନମାନଙ୍କରେ ତାଲା ପଡୁଛି ସେତେବେଳେ ୧ଲକ୍ଷ ଟଙ୍କାରେ ବେକାର ଯୁବକମାନେ ସ୍ୱାବଲମ୍ବୀ ହେବାର ଦାବି ଅତ୍ୟନ୍ତ ହାସ୍ୟାସ୍ପଦ। ତେବେ ଏହି ୧ଲକ୍ଷ ଟଙ୍କାପାଇଁ ବେକାର ଯୁବକମାନଙ୍କୁ କେତେ ଦୌଡିବାକୁ ପଡିବ ଏବଂ ଖର୍ଚ୍ଚ କରିବାକୁ ପଡିବ ସେକଥା କଂଗ୍ରେସ ଦଳ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ଉପା ସରକାରର ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଓ ବର୍ତ୍ତମାନର କେନ୍ଦ୍ର ବିଜେପି ସରକାରର ମୁଦ୍ରା ଯୋଜନାର ଅଭିଜ୍ଞତାରୁ ଆମେ ଜାଣୁ।

ଏଠାରେ ଗୋଟିଏ କଥା ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ, ସରକାର ପ୍ରଚାର କରୁଛନ୍ତି ଏବଂ ଗଣମାଧ୍ୟମରେ ମଧ୍ୟ ପ୍ରଚାରିତ ହେଉଛି ଯେ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଲୋକଙ୍କୁ ଦେଉଛନ୍ତି। ଆମର ପ୍ରଶ୍ନ ହେଉଛି ଦେଶ ଓ ରାଜ୍ୟର ଜନସାଧାରଣଙ୍କ ଦୁଃଖ ସହିନପାରି କଣ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ନିଜର ବ୍ୟକ୍ତିଗତ ସଂପତ୍ତି ଲୋକଙ୍କୁ ଦାନ ଖଇରାତ କରୁଛନ୍ତି ? ଆବଶ୍ୟକତା ତୁଳନାରେ ଅତ୍ୟନ୍ତ ନଗଣ୍ୟ ହେଲେ ମଧ୍ୟ ସରକାର ଭୋଟ ପୂର୍ବରୁ ଯେଉଁ ଆର୍ଥିକ ସହାୟତା ଦେଉଛନ୍ତି ତାହା ଦିଆଯାଉଛି ସରକାରୀ ତହବିଲରୁ। ସରକାରୀ ତହବିଲ ସୃଷ୍ଟି ହୋଇଛି ଜନସାଧାରଣଙ୍କ ଠାରୁ ଆଦାୟ କରାଯାଉଥିବା ଟିକସ ଅର୍ଥରେ। ଜନସାଧାରଣଙ୍କର ମୌଳିକ ସମସ୍ୟାର ସମାଧାନ କରିବା, ସେମାନଙ୍କ ପାଇଁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟସେବା, ଯୋଗାଇବା, ସରକାରୀ ଖର୍ଚ୍ଚରେ ଗମନାଗମନ ବ୍ୟବସ୍ଥା କରିବା ଓ ଭିତ୍ତିଭୂମି ନିର୍ମାଣ କରିବା ଗୋଟିଏ ଗଣତାନ୍ତ୍ରିକ ଦେଶର ନିର୍ବାଚିତ ସରକାରର ଦାୟିତ୍ୱ। ମାତ୍ର ସ୍ୱାଧୀନତା ପରେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ହୋଇଥିବା ସମସ୍ତ ସରକାର ଜନସାଧାରଣଙ୍କର ମୌଳିକ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଦରିଦ୍ର, ଅନଗ୍ରସର ଲୋକଙ୍କୁ କେବଳ ନାନାଧରଣର ପ୍ରତିଶ୍ରୁତି ଦେଇ ବାରବାର ପ୍ରତାରିତ କରିଛନ୍ତି। କେବଳ ସେତିକି ନୁହେଁ, ଜାତି, ଧର୍ମ, ଭାଷା, ସଂପ୍ରଦାୟ ଓ ଅଂଚଳକୁ କେନ୍ଦ୍ରକରି ସାଧାରଣ ଲୋକଙ୍କ ମଧ୍ୟରେ ବିବାଦ, ତିକ୍ତତା ଓ ସଂଘର୍ଷ ଭିଆଇ ସାମାଜିକ ସୌହାର୍ଦ୍ଦ୍ୟ ଏବଂ ଭ୍ରାତୃତ୍ୱକୁ ଧ୍ୱଂସକରି ସରକାରମାନେ ଜନସାଧାରଣଙ୍କ ପ୍ରତି ସେମାନଙ୍କର ମୌଳିକ ଦାୟିତ୍ୱରୁ କୌଶଳପୂର୍ଣ୍ଣ ଭାବରେ ଓହରି ଯାଇଛନ୍ତି। ଏହା ପରିବର୍ତ୍ତେ ସ୍ୱାଧୀନତା ଅର୍ଜନ ପରଠାରୁ ହିଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଦେଶର ଜନସାଧାରଣଙ୍କୁ ଅମାନୁଷିକ ଭାବରେ ଶୋଷଣକରି ମୁନାଫାର ପାହାଡ ସୃଷ୍ଟି କରିବା ପାଇଁ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଲଗାମଛଡା ସୁଯୋଗ ଦେଇଛନ୍ତି। ଏହାର ଫଳଶ୍ରୁତିରେ ଆଜି ଦେଶର ଗୋଟିଏ ପଟରେ ସଂପଦର ପାହାଡ, ଅନ୍ୟପଟରେ ଅନାହାର, ଅର୍ଦ୍ଧାହାର, ସୀମାହୀନ ଦାରିଦ୍ର୍ୟ ଓ ପଶ୍ଚାଦ୍‌ପଦତା।

ଏହି ପରିସ୍ଥିତିରେ ଦେଶର ଏକଚାଟିଆ ପୁଞ୍ଜିପତିମାନଙ୍କର ବିଶ୍ୱସ୍ତ ରାଜନୈତିକ ଦଳମାନେ ଦେଶର ସାଧାରଣ ମଣିଷକୁ ବିଭିନ୍ନ ଭାବରେ ପ୍ରତାରିତ କରି ସେମାନଙ୍କ ଭୋଟ ହାସଲକରି କ୍ଷମତାକୁ ଯାଇ ସେହି ପୁଞ୍ଜିପତିମାନଙ୍କର ରାଜନୈତିକ ମ୍ୟାନେଜର ଭାବରେ କାମ କରୁଛନ୍ତି। ସେମାନଙ୍କର ସେବା କରୁଛନ୍ତି। ଚଳିତ ନିର୍ବାଚନ ପୂର୍ବରୁ ଏହାହିଁ ପୁଣିଥରେ ନଗ୍ନଭାବରେ ପରିଲକ୍ଷିତ ହେଉଛି। ସୁତରାଂ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରଙ୍କର ନିର୍ବାଚନ ବେଳର କୁମ୍ଭୀର କାନ୍ଦଣାରେ ଭୁଲି ନଯାଇ ରାଜ୍ୟର ଜନସାଧାରଣ ଏହିସବୁ ବୃତ୍ତାନ୍ତ ଭାବରେ ଜନସ୍ୱାର୍ଥ ବିରୋଧୀ ଭୋଟ ସର୍ବସ୍ୱ ଦଳମାନଙ୍କୁ ଉଚିତ ଜବାବ ଦେବେ ଏବଂ ଗଣଆନ୍ଦୋଳନରେ ପରୀକ୍ଷିତ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ସଂଗ୍ରାମୀ ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ବିଜୟୀ କରିବେ ବୋଲି ଆମେ ଦୃଢ ଆଶା ପୋଷଣ କରୁଛୁ।

★★★

# ଏୟାରଟେଲ ଟେକନିସିଆନଙ୍କ ପକ୍ଷରୁ ପୁଲିସ ଡିଜି ଅଫିସ ସମ୍ମୁଖରେ ବିକ୍ଷୋଭ



ଏଆଇୟୁଟିୟୁସି ସହବନ୍ଧିତ ଅଲ୍ ଓଡିଶା ଭାରତୀ ଇନଫ୍ରାଟେଲ କଣ୍ଟ୍ରାକଚୁଆଲ ଟେକନିସିଆନ ୟୁନିୟନ ପକ୍ଷରୁ ମାର୍ଚ୍ଚ ୧୨ ତାରିଖରେ ପୁଲିସ ଡିଜି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଟେକନିସିଆନମାନଙ୍କର ନିଯୁକ୍ତି ସର୍ତ୍ତାବଳୀକୁ କେନ୍ଦ୍ରକରି ମୂଳ ନିଯୁକ୍ତିଦାତା କମ୍ପାନୀ ସହିତ ଟେକ୍‌ନିସିଆନ୍‌ମାନଙ୍କ ବିବାଦରେ ରାଜ୍ୟର ବିଭିନ୍ନ ପୁଲିସ ଥାନା କମ୍ପାନୀର ହାତବାରସୀ ଭାବରେ କାମକରିବା ଓ ନିଜର ନ୍ୟାୟସଂଗତ ଦାବି ପୂରଣପାଇଁ ଲଢେଇ କରୁଥିବା ଟେକନିସିଆନମାନଙ୍କୁ ଧମକ ଚମକ ଦେବା ପ୍ରତିବାଦରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭକାରୀମାନେ ଏହି ପ୍ରସଙ୍ଗରେ ପୁଲିସ ଡିଜିଙ୍କ ହସ୍ତକ୍ଷେପ ପାଇଁ ଦାବିକରି ଦାବିପତ୍ର ଦେଇଥିଲେ। ସଂଗଠନର ରାଜ୍ୟ ସଭାପତି କମ୍ରେଡ ପୂର୍ଣ୍ଣଚନ୍ଦ୍ର ବେହେରା, ସାଧାରଣ ସଂପାଦକ ବୁଗୁରୁ ତ୍ରିନାଥ, ଉପସଭାପତି ନିରଞ୍ଜନ ମହାନ୍ତି, ଜ୍ଞାନରଂଜନ ବେହୁରିଆ ଏବଂ ଶ୍ରମିକନେତା ରାଜକିଶୋର ମଲ୍ଲିକ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## *ନିର୍ବାଚନ ସଂପର୍କରେ ....*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ବ୍ୟବସ୍ଥାକୁ ହିଁ ଦୀର୍ଘସ୍ଥାୟୀ କରି ପାରିବି, ଏହା ହିଁ ହେଲା ସେମାନଙ୍କର ଉଦ୍ଦେଶ୍ୟ। ତା'ହେଲେ ତାଙ୍କର ମୂଳ ଲକ୍ଷ୍ୟ ହେଉଛି ଯେମିତି ହେଉ ସର୍ବାଧିକ ନିର୍ବାଚନୀ ଆସନ ଦଖଲ କରିବା। ଏହାଛଡା ରାଜନୈତିକ କର୍ମସୂଚୀ, ଆଶୁ କର୍ମସୂଚୀ- ଏସବୁ ମଧ ସେମାନେ ଘୋଷଣା କରନ୍ତି। ସେମାନଙ୍କର ପ୍ରୋଗ୍ରାମ ଓ ସ୍ଲୋଗାନ ଯାହା ହେଉନା କାହିଁକି, ସେମାନଙ୍କର ମୂଳ କଥା ହେଉଛି-(Grab Maximum Seats), ସର୍ବାଧିକ ନିର୍ବାଚନୀ ଆସନ ଦଖଲ।

ଆଉ ବିପ୍ଳବୀ ଉଦ୍ଦେଶ୍ୟମୁଖୀତାର ଲକ୍ଷ୍ୟ ନେଇ ସର୍ବହରା(Proletariate) ମାନେ ଯେତେବେଳେ ଅନନ୍ୟୋପାୟ ହୋଇ ଲୋକମାନଙ୍କ ସହିତ ମିଶି ରହିବାପାଇଁ ନିର୍ବାଚନ ଲଢେଇକୁ ଯାଆନ୍ତି, ସେତେବେଳେ ସେମାନେ ଜନଗଣଙ୍କର ଏକ ବିପ୍ଳବୀ ରାଜନୈତିକ ଭିତ୍ତି ଉପରେ ହିଁ ଯାଆନ୍ତି। ସିଟ ଜିତିବା ପାଇଁ ମଧ ସେମାନେ ସାଧମତେ ଚେଷ୍ଟା କରନ୍ତି। କିନ୍ତୁ ତାଙ୍କର ମୂଳ ଉଦ୍ଦେଶ୍ୟ କେତେବେଳେ ବି ଯେନତେନ ପ୍ରକାରେ ସର୍ବାଧିକ ଆସନ ଦଖଲ କରିବା ହୁଏ ନାହିଁ। ତାଙ୍କର ମୂଳ ଲକ୍ଷ୍ୟ(Main focal point) ହେଉଛି- ଜନଗଣଙ୍କୁ ଗୋଟିଏ ବିପ୍ଳବୀ ରାଜନୈତିକ ଲାଇନ(Mass Revolutionary)ର ଭିତ୍ତିରେ ଇଲେକ୍‌ସନ୍ ଲଢେଇ କରିବାର ଶିକ୍ଷା ଦେବା ଏବଂ ଏହା କରିବାକୁ ଯାଇ ଯଦି ସେମାନେ ସର୍ବାଧିକ ନିର୍ବାଚନୀ ଆସନ(Maximum Seats) ପାଇବେ ତ ପାଆନ୍ତୁ। ଯଦି ନପାଇବେ, ଗୋଟିଏ ବି ନପାଇବେ ନ ପାଆନ୍ତୁ। ଯଦି ଦଶଟା ରକ୍ଷା କରି ପାରିବେ, ଦଶଟା ହିଁ କରିବେ, କିନ୍ତୁ ତାଙ୍କର ମୂଳ ଲକ୍ଷ୍ୟ ଯେନତେନ ପ୍ରକାରେ କେତେଗୁଡ଼ିଏ ନିର୍ବାଚନୀ ଆସନ ଦଖଲ କରିବା ହେବ ନାହିଁ।

ଜନତାର ସେହି ବିପ୍ଳବୀ ରାଜନୈତିକ ସଂଗ୍ରାମର ପଦ୍ଧତିଟି କ'ଣ, ଯାହା ଇଲେକ୍ସନରେ ମୁଁ ଜନସାଧାରଣଙ୍କ ପାଖକୁ ନେଇଯିବି(What is that mass line and style of activity) ? ଜନତାଙ୍କ ଭିତରକୁ ମୁଁ ଏହି କଥା ନେଇଯିବି ଯେ- ତୁମେ ଯେତେବେଳେ ଇଲେକ୍ସନ ଲଢୁଛ, ସେତେବେଳେ ଲୋକଙ୍କ ଦୃଷ୍ଟିଭଙ୍ଗୀରୁ ତୁମକୁ ବିପ୍ଳବୀ ରାଜନୀତିରେ ଇଲେକ୍‌ସନ ଲଢିବାକୁ ହେବ। ତାହା କରିବାକୁ ଯାଇ ତୁମ ନିଜର ଘାଟିଗୁଡିକୁ ତୁମେ ନିଜେ ସମ୍ଭାଳ। ଯେଉଁ କେତେଟା ସିଟ୍ ପାଅ, ଯେତେ ଅଧିକ ପାର, ଏମିତିକି ଯଦି ସବୁଯାକ ସିଟ୍ ଜିତିପାର, ଏହି ଲାଇନର ଭିତ୍ତିରେ ହିଁ ଜିତ। କିନ୍ତୁ ଏକମାତ୍ର ଏହାରି ଭିତ୍ତିରେ ହିଁ ଜିତ। ଏହାକୁ ଗୋଳମାନ କରିଦେଇ ନୁହେଁ। ଶତ୍ରୁକୁ ହରାଇବାକୁ ଯାହା ଦରକାର, ସେଇଆ କର- ଏସବୁ ଯୁକ୍ତି ଯଦି ତୁମେ ଉଠାଅ, ତାହେଲେ ବିପ୍ଳବର ଖୋଳପା ପିନ୍ଧି ଅସଲରେ ବୁର୍ଜୁଆମାନେ ଯେଉଁ ଭଳି ନିର୍ବାଚନରେ ଲଢନ୍ତି, ତୁମେ ମଧ ସେଇ ଧରଣର କୌଶଳ, ସେଇ ଧରଣର କାଇଦା ଏବଂ ସେଇ ଏକା ଟାକ୍‌ଟିସ(Tactics)ଟିକୁ ଯଦି ବିପ୍ଳବ ନାମରେ ଚାଲୁ କରିବ, ତା'ହେଲେ କ'ଣ ହେବ ? ଏଥିରେ କ'ଣ ବିପ୍ଳବୀ ହୋଇ ହୁଏ ? ଏହାଦ୍ୱାରା କ'ଣ ବିପ୍ଳବର କାମ ଆଗକୁ ବଢେ ? ନା, ଏହାଦ୍ୱାରା ବିପ୍ଳବୀ ହୋଇ ହୁଏ ନାହିଁ ବା ବିପ୍ଳବୀ କାମ ମଧ ଆଗକୁ ବଢେ ନାହିଁ। ଫଳତଃ ଆମେ ଯେ କହୁ ନିର୍ବାଚନ ଭିତର ଦେଇ ବୁର୍ଜୁଆ ସଂସଦୀୟ ରାଜନୀତି(Bourgeoisie Parliamentarism)ର ମୁଖା ଖୋଲିଦେବୁ, ଏକ୍ସପୋଜ(Expose) କରିବୁ ତାହା ହେବ କି ? xxx

# ସ୍କୁଲ ଖୋଲିବା ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ

ବଲାଙ୍ଗୀର ଜିଲ୍ଲାର ଗୁଡଭେଲା ବ୍ଲକ୍‌ରେ ସରକାର ବନ୍ଦ କରିଦେଇଥିବା ସମସ୍ତ ସ୍କୁଲ ଖୋଲିବା ଦାବିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିଇଓ ଅଫିସ ସମ୍ମୁଖରେ ଫେବୃୟାରୀ ୨୯ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଭିନ୍ନ ହାସ୍ୟାସ୍ପଦ କାରଣ ଦେଖାଇ ରାଜ୍ୟ ବିଜେଡି ସରକାର କେନ୍ଦ୍ର ବିଜେପି ସରକାର ଦ୍ୱାରା ପ୍ରଣୀତ ଚୂଡାନ୍ତ ଭାବରେ ଜନସ୍ୱାର୍ଥ ବିରୋଧୀ ନୂଆ ଜାତୀୟ ଶିକ୍ଷାନୀତି-୨୦୨୦ର ଅନୁସରଣରେ ରାଜ୍ୟରେ ୧୪ ହଜାରରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିଦେଇଛନ୍ତି। ବଲାଙ୍ଗୀର ଜିଲ୍ଲା ମଧ ଏଥିରୁ ବାଦ୍ ପଡିନାହିଁ। ବନ୍ଦ କରାଯାଇଥିବା ସମସ୍ତ ସ୍କୁଲ ତୁରନ୍ତ ଖୋଲିବା ଦାବିରେ ବିକ୍ଷୋଭକାରୀମାନେ ଏକ



ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏବଂ ଦାବିପତ୍ର ଦେଇଥିଲେ। ଏହି ବିକ୍ଷୋଭରେ ଏସ୍‌ୟୁସିଆଇ(ସି) ବଲାଙ୍ଗୀର ଜିଲ୍ଲା ସାଂଗଠନିକ କମିଟିର ସଂପାଦକ କମ୍ରେଡ ସୁନୀଲ ଭୋଇ, ମଧୁସୂଦନ ବାଗ, ନିମାଇ କୁମ୍ଭାରଙ୍କ ସମେତ ଲଖାରପଦର, ମଧୁପୁର, ବରପାଲିପଡା ପ୍ରଭୃତି ଗ୍ରାମର ଗ୍ରାମବାସୀମାନେ ଯୋଗ ଦେଇଥିଲେ।

# କପ୍ତିପଦା ବ୍ଲକ ଓ ତହସିଲ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ




ଏସୟୁସିଆଇ (କମ୍ୟୁନିଷ୍ଟ) କପ୍ତିପଦା ଆଂଚଳିକ କମିଟି ପକ୍ଷରୁ ଫେବୃଆରୀ ୨୯ ତାରିଖରେ ଜନ ଜୀବନର ଜ୍ୱଳନ୍ତ ସମସ୍ୟାର ସମାଧାନ ଦାବିରେ କପ୍ତିପଦା ବିଡ଼ିଓ ଓ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ସେଠାରେ କମ୍ରେଡ୍ ଶ୍ୟାମ ବାନରାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ କରଞ୍ଜିଆ ନିର୍ବାଚନ ମଣ୍ଡଳୀର ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ) ର ପ୍ରାର୍ଥୀ କମ୍ରେଡ଼ ବାଜୁରାମ ସିଦ୍ଧୁ,ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ କମ୍ରେଡ଼ ପୀତାମ୍ବର ନାଏକ ଏବଂ ଏସୟୁସିଆଇ(କମ୍ୟୁନିଷ୍ଟ) ମୟୂରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ ତଥା ରାଜ୍ୟ କମିଟି ସଦସ୍ୟ କମ୍ରେଡ଼ ସାଦ ଚରଣ ବଦ୍ରା ବକ୍ତବ୍ୟ ରଖିଥିଲେ । ଶେଷରେ ବିଡିଓ ଓ ତହସିଲଦାରଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। କମ୍ରେଡ଼ ବାଙ୍ଗରା ଉଗ୍ରସାଣ୍ଡି, ସମା ସମରାଇ, ଉଦୟ ସାମାଡ଼, ଶାନ୍ତି ଚାକିଏ, ସୁବୁଦିଆ ହାଇବୁରୁ, ଯୁବରାଜ ସାମାଡ଼ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ଅଲ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟୀଜ୍ ୟୁନିଟି ଫୋରମ୍‌ର ସର୍ବଭାରତୀୟ ସମ୍ମିଳନୀ




ଫେବୃୟାରୀ ୨୪ଓ୨୫ ତାରିଖରେ ବ୍ୟାଙ୍କ ଏମ୍ପ୍ଲୟୀଜ୍ ୟୁନିଟି ଫୋରମର ଦ୍ୱିତୀୟ ସର୍ବଭାରତୀୟ ସମ୍ମିଳନୀ କୋଲକତାଠାରେ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣ ବନ୍ଦ କରିବା, କର୍ପୋରେଟ୍ ହାଉସମାନଙ୍କୁ ଋଣ ଛାଡ ବନ୍ଦ କରିବା, ବ୍ୟାଙ୍କ କର୍ମଚାରୀମାନଙ୍କର ବେତନ ସ୍ଥିର କରିବା କ୍ଷେତ୍ରରେ ଟାଳଟୁଳ ନୀତି ବନ୍ଦ କରିବା ଏବଂ ଦରମା ସମୀକରଣ କ୍ଷେତ୍ରରେ ବିଜ୍ଞାନ ସମ୍ମତ ପଦ୍ଧତି ଅନୁସରଣ କରିବା, ସମସ୍ତ ଠିକା ଓ ସାମୟିକ କର୍ମଚାରୀଙ୍କୁ ସ୍ଥାୟୀ କରିବା, ସ୍ଥାୟୀ କାମପାଇଁ ସ୍ଥାୟୀ କର୍ମଚାରୀ ନିଯୁକ୍ତ କରିବା, ସମାନ କାମକୁ ସମାନ ଦରମା ନିଶ୍ଚିତ କରିବା, ଶ୍ରମିକ ସ୍ୱାର୍ଥ ବିରୋଧୀ ଶ୍ରମକୋର୍ଡ ବାତିଲ କରିବା, ଜାତୀୟ ପେନସନ ଯୋଜନା ବାତିଲ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁକରିବା ଓ ଅବସରପ୍ରାପ୍ତ କର୍ମଚାରୀଙ୍କର ପେନସନ ତୁରନ୍ତ ବୃଦ୍ଧି କରିବା ଦାବିରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଏଆଇୟୁଟିୟୁସିର ସାଧାରଣ ସଂପାଦକ କମ୍ରେଡ ଶଙ୍କର ଦାସଗୁପ୍ତ ମୁଖ୍ୟ ଅତିଥି ଏବଂ ସଂଗଠନର ସର୍ବଭାରତୀୟ ସଭାପତି କମ୍ରେଡ୍ ସ୍ୱପନ କୁମାର ଘୋଷ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟୀଜ୍ ୟୁନିଟି ଫୋରମର ସାଧାରଣ ସଂପାଦକ କମ୍ରେଡ ଜଗନ୍ନାଥ ରାୟ ମଣ୍ଡଳ, ସଭାପତି କମ୍ରେଡ ବିଜୟ ପାଲ ସିଂହ, ଉପସଭାପତି କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ବେହେରା, କମ୍ରେଡ ଗୌରୀ ଶଙ୍କର ଦାସ, ପ୍ରମୁଖ ସମ୍ମିଳନୀରେ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ କମ୍ରେଡ ପୂର୍ଣ୍ଣଚନ୍ଦ୍ର ବେହେରା ସଂଗଠନର ସର୍ବଭାରତୀୟ ସଭାପତି ଓ କମ୍ରେଡ୍ ଜଗନ୍ନାଥ ରାୟମଣ୍ଡଳ ସାଧାରଣ ସଂପାଦକ ଓ କମ୍ରେଡ ରତନ କୁମାର କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ସଂଗଠନର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିକୁ ୫୨ଜଣ ସଦସ୍ୟ ନିର୍ବାଚିତ ହୋଇଥିଲେ। ସର୍ବଭାରତୀୟ ସମ୍ମିଳନୀ ପୂର୍ବରୁ ଭୁବନେଶ୍ୱରଠାରେ ସଂଗଠନର ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

# ବସ୍ତିବାସିନ୍ଦାଙ୍କ ମିଳିତ ମଂଚ ପକ୍ଷରୁ ବିକ୍ଷୋଭ




ଜାଗା ମିଶନ ନିୟମ ଅନୁଯାୟୀ ସମସ୍ତ ବସ୍ତିବାସିନ୍ଦାଙ୍କୁ ପଟ୍ଟାଦେବା, ଭୂମି ପ୍ରମାଣପତ୍ର ବାବଦ ଅର୍ଥ ଆଦାୟ ବନ୍ଦ କରିବା, ରେସନକାର୍ଡ ନଥିବା ସମସ୍ତ ଦିନ ମଜୁରିଆଙ୍କୁ କାର୍ଡ ଦେବା ଦାବିରେ, ବସ୍ତିବାସିନ୍ଦାଙ୍କ ମିଳିତ ମଂଚ ନେତୃତ୍ୱରେ ମାର୍ଚ୍ଚ ୧୨ତାରିଖରେ କଟକ ମ୍ୟୁନିସିପାଲିଟି କର୍ପୋରେସନର ବିକାଶ ଭବନ ସମ୍ମୁଖରେ ବସ୍ତିବାସିନ୍ଦାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନଙ୍କ ପକ୍ଷରୁ ନିଗମର ଉପାୟୁକ୍ତ ତଥା ବସ୍ତି ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସଂଗଠନର ଆବାହକ କମ୍ରେଡ ଖଗେଶ୍ୱର ସେଠୀ, ଦୀପକ ଦାସ, ସୁକାନ୍ତ ନାୟକ, ଲିପିନା ନାୟକ, ଶିବ ବେହେରା, ଲକ୍ଷ୍ମୀ ସିଂହ, କୁନି ମହାକୁଡ, ସାବିତ୍ରୀ ହେମ୍ବ୍ରମ ଓ ମହମ୍ମଦ ଜଲ୍ଲିଲ ପ୍ରମୁଖ ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

# ଏତେ ବିକାଶ ଯଦି ହୋଇଛି ତା'ହେଲେ ହିସାବରେ ଜାଲିଆତି କାହିଁକି?

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାବି କରୁଛନ୍ତି, ଉନ୍ନତରୁ ଉନ୍ନତତର ସ୍ତରକୁ ଭାରତ ଆଗେଇ ଚାଲିଛି। ପାଂଚ ଟ୍ରିଲିୟନ ଅର୍ଥନୀତିସ୍ତରରେ ପହଂଚିବା ପାଇଁ କେବଳ ସମୟକୁ ଅପେକ୍ଷା। ଯଦି ଏହି ଦାବି ପ୍ରକୃତରେ ସତ୍ୟ ହୋଇଥାଏ ତା'ହେଲେତ ଅର୍ଥନୀତି ଉନ୍ନତ ହେବା ସଙ୍ଗେ ସଙ୍ଗେ ଦେଶର ଜନଗଣଙ୍କ ଜୀବନଧାରଣର ମାନ ମଧ୍ୟ ଉନ୍ନତ ହେବା କଥା। ଶିକ୍ଷା, ସ୍ୱାସ୍ଥ୍ୟ ସେବା, କର୍ମନିଯୁକ୍ତି, ଲୋକଙ୍କ କ୍ରୟକ୍ଷମତା ବୃଦ୍ଧି ପାଇବା କଥା। କିନ୍ତୁ ଦାରିଦ୍ର୍ୟ, ଅନାହାର, ଶିଶୁ ଏବଂ ପ୍ରସୂତୀ ମୃତ୍ୟୁ ଭଳି ସୂଚକରେ ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତ ପଛରେ ପଡିଛି କାହିଁକି ? ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି, ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ, ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେସନ, ୱାର୍ଲ୍ଡ ହେଲଥ କେୟାର, ସିକ୍ୟୁରିଟି ଇଣ୍ଡେକ୍ସ ଏବଂ ଗ୍ଲୋବାଲ ପିସ୍ ଇଣ୍ଡେକ୍ସ ଭଳି ସଂସ୍ଥାମାନଙ୍କ ତାଲିକାରେ ଭାରତର ସ୍ଥାନ ତଳକୁ ତଳକୁ ଯାଉଛି। ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସରେ ପୃଥିବୀର ୧୨୫ ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧। ୟୁନିସେଫ୍ ରିପୋର୍ଟ ଅନୁସାରେ ପ୍ରତି ମିନିଟରେ ଭାରତରେ ଜଣେ ଶିଶୁର ମୃତ୍ୟୁ ଘଟୁଛି। ୨୦୨୧ ମସିହାରେ ଗ୍ଲୋବାଲ ହେଲଥ୍ ସିକ୍ୟୁରିଟି ଇଣ୍ଡେକ୍ସ ଅନୁସାରେ ୧୯୫ ଦେଶ ମଧ୍ୟରେ ସ୍ୱାସ୍ଥ୍ୟସେବା ମାନ କ୍ଷେତ୍ରରେ ବିଶ୍ୱରେ ଭାରତର ସ୍ଥାନ ୬୬।

ସଂପ୍ରତି ନୀତି ଆୟୋଗର ଗବେଷଣା ପତ୍ର ପ୍ରକାଶିତ ହୋଇଛି। ମଲଟି ଡାଇମେନସନାଲ ପଭର୍ଟି ଇଣ୍ଡେକ୍ସ ବହୁମୁଖୀ ଦାରିଦ୍ର୍ୟ ସୂଚୀ ଅନୁଯାୟୀ ଭାରତରେ ବହୁମାତ୍ରିକ ଦାରିଦ୍ର୍ୟ ୨୦୧୩-୧୪ରେ ଥିଲା ୨୯.୧୯ ଶତାଂଶ ଯାହା ୨୦୨୨-୨୩ରେ ହ୍ରାସ ପାଇ ୧୧.୨୮ ଶତାଂଶ ହୋଇଛି। ଅର୍ଥାତ୍ ସରକାରଙ୍କ ଦାବି ଅନୁଯାୟୀ ଦେଶରେ ଦାରିଦ୍ର୍ୟ କମିଛି। ଦାରିଦ୍ର୍ୟ ଯଦି ବାସ୍ତବରେ ହ୍ରାସ ପାଇଥାଏ ତା'ହେଲେ ପ୍ରଧାନମନ୍ତ୍ରୀ ୮୦କୋଟି ଜନତାଙ୍କ ପାଇଁ ନୂତନଭାବେ ରେସନ ବ୍ୟବସ୍ଥା ଘୋଷଣା କଲେ କାହିଁକି ? ତା'ହେଲେ କ'ଣ ସେ ବିନା ପ୍ରୟୋଜନରେ ଏହା ଘୋଷଣା କଲେ ? ତା'ହେଲେ କଣ ପ୍ରଧାନମନ୍ତ୍ରୀ ଯାହାକୁ ଦରିଦ୍ର ବୋଲି ଭାବୁ ନାହାନ୍ତି ତାଙ୍କ ପାଇଁ ଖାଦ୍ୟ ଅପଚୟ କଲେ? ଯଦି ତାହା ନୁହେଁ ତାହେଲେ କ'ଣ ଭୋଟକୁ ଲକ୍ଷ୍ୟ ରଖି ଏହି ଘୋଷଣା କରାଯାଇଛି ? ଏ ପ୍ରଶ୍ନର ଜବାବ ପ୍ରଧାନମନ୍ତ୍ରୀଙ୍କୁ ହିଁ ଦେବାକୁ ପଡିବ। ଜନଗଣଙ୍କ ଜୀବନଧାରଣ ମାନର ଉନ୍ନତି ପରିବର୍ତ୍ତେ ମନ୍ଦିର ନିର୍ମାଣକୁ କାହିଁକି ସରକାରଙ୍କ ସାଫଲ୍ୟ ବୋଲି ପ୍ରଧାନମନ୍ତ୍ରୀ ଦର୍ଶାଉଛନ୍ତି ? ବାସ୍ତବରେ ସାଧାରଣ ଜନତାଙ୍କର ଉନ୍ନତି ହେଉନାହିଁ। ଉନ୍ନତି ହେଉଛି ଆଦାନୀ-ଆମ୍ବାନୀଙ୍କ ଭଳି ଏକଚାଟିଆ ପୁଞ୍ଜିପତିମାନଙ୍କର। ଏଇ ପୁଞ୍ଜିପତିମାନଙ୍କ ବିକାଶକୁ ହିଁ ପ୍ରଧାନମନ୍ତ୍ରୀ ସମେତ ତାଙ୍କର ମନ୍ତ୍ରୀବର୍ଗ ଦେଶର ବିକାଶ ବୋଲି ପ୍ରଚାର କରୁଛନ୍ତି। ଏହା ହେଉଛି ଅଦ୍ଧ ପାଣି ଥିବା ଏକ ଗ୍ଲାସ ଭଳି। ଯାହାର ଖାଲି ଅଂଶ ଜନତାଙ୍କର। ସ୍ୱଚ୍ଛ ଭର୍ତ୍ତିଥିବା ଅଂଶ ପୁଞ୍ଜିପତିମାନଙ୍କର। ନୀତି ଆୟୋଗ ସରକାରୀ ଷ୍ଟାମ୍ପ ମାରି ଘୋଷଣା କରିଛି ଯାହା ଘରେ ଶୌଚାଳୟ ଓ ବିଦ୍ୟୁତ ସଂଯୋଗ ଅଛି ତାକୁ ଗରିବ ବୋଲି ଗଣ୍ୟ କରାଯିବ ନାହିଁ। ଏହି ମାନଦଣ୍ଡ ଅନୁସାରେ ବାସ୍ତବରେ ଗରିବ ଖୋଜି ପାଇବା ଖୁବ କଷ୍ଟସାଧ୍ୟ। ନୀତି ଆୟୋଗର ଏହି ଅବାନ୍ତର ରିପୋର୍ଟକୁ ଦେଖାଇ ସରକାର ଯେ ଦାରିଦ୍ର୍ୟ କମିଛି ବୋଲି ଦାବି କରୁଛନ୍ତି ତାହା କେତେ ଅନ୍ତଃସାରଶୂନ୍ୟ ତାର ପ୍ରମାଣ ଅକ୍ସଫାମ୍ ରିପୋର୍ଟରୁ ଜଣାପଡେ। ୨୦୨୩ ଅକ୍ସଫାମ ରିପୋଟ ଅନୁଯାୟୀ ମାତ୍ର ୩ ଶତାଂଶ ଅତିଧନୀଙ୍କ ହାତରେ ଦେଶର ୭୦ଶତାଂଶ ସଂପଦ ଠୁଳ ହୋଇଛି। ସର୍ବନିମ୍ନସ୍ତରରେ ଥିବା ୫୦ ଶତାଂଶ ଜନଗଣ ହାତରେ ରହିଛି ମାତ୍ର ୩ ଶତାଂଶ।

ତା'ହେଲେ କୋଟି କୋଟି କୃଷକ-ଶ୍ରମିକମାନଙ୍କ ଶ୍ରମଦ୍ୱାରା ଯେଉଁ ବିପୁଳ ପରିମାଣର ସଂପଦ ସୃଷ୍ଟି ହେଉଛି ସେ ସବୁ ଯାଉଛି କୁଆଡେ ?

ଶ୍ରମଜୀବୀ ଜନଗଣଙ୍କ ଶ୍ରମଦ୍ୱାରା ସୃଷ୍ଟି ହେଉଥିବା ସଂପଦକୁ ପୁଞ୍ଜିପତି ଶ୍ରେଣୀ ଆତ୍ମସାତ୍ କରୁଛି। ସେଥିପାଇଁ ପୁଞ୍ଜିପତିମାନଙ୍କ ଭଣ୍ଡାରରେ ଅମାପ ସଂପଦ ଠୁଳ ହେଉଛି। ପୁଞ୍ଜିପତିଙ୍କ ଏଇ ସଂପଦ ଯେପରି ଅବାଧରେ ବଢିଚାଲେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଇନ ଓ ବେଆଇନ ଭାବେ ସବୁପ୍ରକାର ସାହାଯ୍ୟ କରୁଛନ୍ତି। ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥିବା ତେଲ ଗ୍ୟାସ, ଖଣି, ରେଳ ଭଳି ଉଦ୍ୟୋଗଗୁଡିକୁ ସରକାର ଶିଳ୍ପପତିମାନଙ୍କୁ ବିକ୍ରିକରି ଚାଲିଛନ୍ତି। ସଂପ୍ରତି ଡାଭୋସଠାରେ ଅନୁଷ୍ଠିତ ୱାର୍ଲ୍ଡ ଇକୋନୋମିକ ଫୋରମ୍‌ର ରିପୋର୍ଟରେ ଗୋଟିଏ ସତ୍ୟ ପ୍ରକାଶିତ ହୋଇଛି। ତାହା ହେଲା ସମସ୍ତଙ୍କ ଆର୍ଥିକ ଉନ୍ନତି ହେଉନାହିଁ। ଗରିବ ଏବଂ ନିମ୍ନବିତ୍ତ ମାନେ ବିକାଶର ସୀମା ବାହାରେ ରହିଯାଉଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ସହ ବିଜେପି ନେତା ମନ୍ତ୍ରୀମାନେ ମୁଷ୍ଟିମେୟ ପୁଞ୍ଜିପତିମାନଙ୍କ ବିକାଶକୁ 'ଦେଶର ବିକାଶ' ବୋଲି ଯେତେ ପ୍ରଚାର କରନ୍ତୁ ନା କାହିଁକି ପ୍ରତିନିୟତ ବଢି ଚାଲିଥିବା ବେକାରୀ, ଦାରିଦ୍ର୍ୟ ତଥା ଅନାହାରକ୍ଲିଷ୍ଟ ଲୋକଙ୍କ ଜୀବନଯନ୍ତ୍ରଣାକୁ ଢାଙ୍କି ପାରୁ ନାହାନ୍ତି।

★★★

## କେନ୍ଦ୍ର ବିଜେପି .....

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ସେ ବିଷୟରେ ବର୍ତ୍ତମାନ ଆଲୋଚନା ସମୀଚୀନ ନୁହେଁ। କିନ୍ତୁ ଏଥିରେ ଗୋଟିଏ ବିଷୟ ସ୍ପଷ୍ଟ ହୋଇଛି ଯେ ଏହି ହିସାବ ସାର୍ବଜନୀନ ହେଲେ ଆସନ୍ତା ଲୋକସଭା ନିର୍ବାଚନରେ ବିଜେପି ଦଳ ପାଇଁ ଅସୁବିଧା ହେବ। ତେଣୁ ଷ୍ଟେଟ ବ୍ୟାଙ୍କ ଏହି ଅତିରିକ୍ତ ସମୟ ମାଗୁଥିଲା। ଏହା ମଧ୍ୟ ସ୍ପଷ୍ଟ ହେଉଛି ଯେ ଷ୍ଟେଟ ବ୍ୟାଙ୍କ ପରି ସଂସ୍ଥା ଆଜି ସରକାର ହାତରେ ଚାବି ମୋଡା କଣ୍ଢେଇରେ ପରିଣତ ହୋଇଛି ଏବଂ ତାହାର କୌଣସି ସ୍ୱାୟତ୍ତତା ନାହିଁ।

ଏହାର ଅନ୍ୟ ଏକ ଦିଗ ବେଶ ଗୁରୁତ୍ୱପୂର୍ଣ୍ଣ। ଯଦିଓ ସୁପ୍ରିମକୋର୍ଟ ଏହି ସ୍କିମ୍‌କୁ ଅବୈଧ ଘୋଷଣା କଲେ, କିନ୍ତୁ ସ୍କିମ ଦ୍ୱାରା ରାଜନୈତିକ ଦଳମାନେ ଆଦାୟ କରିଥିବା ହଜାର ହଜାର କୋଟି ଟଙ୍କା ଅବୈଧ ଘୋଷଣା ହେଲା ନାହିଁ। କିନ୍ତୁ ଆଇନ ମୁତାବକ ଯଦି କୌଣସି ଅର୍ଥ ଅବୈଧ ଉପାୟରେ ଉପାର୍ଜନ କରାଯାଏ, ତେବେ ସେହି ଅର୍ଥ ମଧ୍ୟ ଅବୈଧ, ଯାହା ଉଦ୍ଧାର କରାଯାଇ ସରକାରୀ ଖାତାରେ ଜମା କରିବାକୁ ପଡେ। ଏଠାରେ କିନ୍ତୁ ସୁପ୍ରିମକୋର୍ଟ ସେପରି ଆଦେଶ ଦେଲେ ନାହିଁ। ଆଜିବି ଦୁର୍ନୀତିପୂର୍ଣ୍ଣ ଉପାୟରେ ରାଜନୈତିକ ଦଳମାନେ ସଂଗ୍ରହ କରିଥିବା ଏହି କଳା ଟଙ୍କା ସେମାନଙ୍କ ହାତରେ ତାଙ୍କର ପାଣ୍ଠି ଆକାରରେ ମହଜୁଦ ଅଛି-ଯାହା ସେମାନେ ଆସନ୍ତା ନିର୍ବାଚନରେ ଖର୍ଚ୍ଚ କରି କଳାକୁ ଧଳା କରିବାର ସମସ୍ତ କ୍ଷମତା ରଖନ୍ତି।

ଏହି ସ୍କିମ୍‌ଟି ଥିଲା ଅତ୍ୟନ୍ତ ଭୟାବହ। ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଏହି ସ୍କିମ୍‌ର ସବୁଠାରୁ ମାରାତ୍ମକ ଦିଗ ହେଲା, ପ୍ରଥମତଃ ଏଥିରେ କେଉଁ ପୁଞ୍ଜିପତି କେଉଁ ଦଳକୁ କେତେ ଟଙ୍କା ଦେଉଛି ତାହା ଜନଗଣଙ୍କଠାରୁ ଗୋପନୀୟ ରଖିବାର ବ୍ୟବସ୍ଥା। ଦ୍ୱିତୀୟତଃ ବିଦେଶୀ କମ୍ପାନୀମାନେ ମଧ୍ୟ ତାଙ୍କର ଭାରତୀୟ ସଂସ୍ଥା ମାଧ୍ୟମରେ ରାଜନୈତିକ ଦଳକୁ ପାଣ୍ଠି ଦେବାର ବ୍ୟବସ୍ଥା ଥିଲା। ତୃତୀୟତଃ ଏହି ସ୍କିମ୍‌ରେ ଅର୍ଥ ଦେବାବାଲା କିମ୍ବା ନେବାବାଲା କୌଣସି ନିୟମ ଦ୍ୱାରା ପରିଚାଳିତ ନଥିଲେ।

ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ସ୍କିମ୍ ମାଧ୍ୟମରେ ଭ୍ରଷ୍ଟାଚାରକୁ ଏକ ନିୟମର ପୋଷାକ ପିନ୍ଧାଇ ଦିଆଯାଇଥିଲା। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଏହି ସ୍କିମ ପ୍ରଚଳନ ପୂର୍ବରୁ ମଧ୍ୟ ଏକଚାଟିଆ ପୁଞ୍ଜିପତିମାନେ ହଜାର ହଜାର କୋଟି ଟଙ୍କା ନିର୍ବାଚନୀ ଚାନ୍ଦା ଦେଇ ନିଜ ପସନ୍ଦର ଦଳକୁ ଭୋଟରେ ଜିତାଇବା ଏବଂ ସାଧାରଣ ଜନତାଙ୍କୁ ସମସ୍ତ ଦିଗରୁ ଶୋଷଣ କରିବାର ପ୍ରକ୍ରିୟା ଚାଲୁ ରଖିଥିଲେ। କିନ୍ତୁ ପୂର୍ବରୁ ଦଳମାନଙ୍କ ପାଖରେ ଏହି ଟଙ୍କା ଥିଲା କଳା ଟଙ୍କା। କିନ୍ତୁ ନିର୍ବାଚନୀ ବଣ୍ଡ ଜରିଆରେ ସେହି ଟଙ୍କା ନିୟମର ବାଟ ଦେଇ ଧଳା ଟଙ୍କାରେ ରୂପାନ୍ତରିତ ହେଉଥିଲା। ସବୁ ନିର୍ବାଚନ ପରି ଆସନ୍ତା ନିର୍ବାଚନରେ ମଧ୍ୟ ଏହି ଟଙ୍କା ପାଣି ପରି ବୁହାଇ ଲୋକଙ୍କର ଭୋଟକୁ କୁକ୍ଷିଗତ କରାଯିବ। ଗତ ଦୁଇ-ତିନି ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ସାରିଲାଣି।

ଏହି ସ୍କିମର ଆହୁରି ମାରାତ୍ମକ ଦିଗ ହେଉଛି ଏକଚାଟିଆ ପୁଞ୍ଜିପତି ଏବଂ ତାଙ୍କର ମଦଦ୍‌ପୁଷ୍ଟ ରାଜନୈତିକ ଦଳମାନଙ୍କ ମଧ୍ୟରେ ପ୍ରତିନିୟତ ହଜାର ହଜାର କୋଟି ଟଙ୍କା ଦେଣନେଣର ଅନୈତିକ କାରବାର, ଯାହା ପରଦା ପଛପଟେ ହେଉଥିଲା, ତା'କୁ ନିର୍ବାଚନୀ ସ୍କିମ ଜରିଆରେ ନିୟମସିଦ୍ଧ କରିବାପାଇଁ ଉଦ୍ୟମ କରାଯାଇଥିଲା। ଏହା ଯୋଗୁ ବର୍ତ୍ତମାନର ପୁଞ୍ଜିବାଦୀ ବ୍ୟବସ୍ଥା, ଯାହା କେବଳମାତ୍ର ବ୍ୟକ୍ତିର ଭୋଟ ଦେବାର ଅଧିକାରକୁ ଗଣତନ୍ତ୍ର ବୋଲି ପ୍ରଚାର କରୁଛି, ତାହା ମଧ୍ୟ ଯେ ସଂପୂର୍ଣ୍ଣ ଏକଚାଟିଆ କର୍ପୋରେଟ ପୁଞ୍ଜିଦ୍ୱାରା ପରିଚାଳିତ ସେକଥା ପ୍ରମାଣିତ ହୋଇଗଲା। ତେଣୁ ବ୍ୟବସ୍ଥାର 'ଜନମଙ୍ଗଳକାରୀ' ମୁଖାଟି ଖସି ପଡିଲା।

ଯଦିଓ ଆଜି ଏହି ସ୍କିମ ଅବୈଧ ଘୋଷଣା ହୋଇଛି, କିନ୍ତୁ ଏକଚାଟିଆ ପୁଞ୍ଜିପତିମାନଙ୍କୁ ବେଆଇନ ସହାୟତା ପ୍ରତିବଦଳରେ ରାଜନୈତିକ ଦଳମାନଙ୍କଦ୍ୱାରା ଏହିଭଳି ବିପୁଳ ପରିମାଣର ପାଣ୍ଠି ଆଦାୟ ଭବିଷ୍ୟତରେ ମଧ୍ୟ ଜାରି ରହିବ। ଏହି ନିର୍ବାଚନୀ ଗଣତନ୍ତ୍ର ପ୍ରକୃତରେ ହେଉଛି ବୁର୍ଜୁଆ ଗଣତନ୍ତ୍ର, ଯାହା ଜନଗଣଙ୍କ ଉପରେ ଶାସକ ପୁଞ୍ଜିପତି ଶ୍ରେଣୀର ଶୋଷଣକୁ ଦୀର୍ଘାୟିତ କରିବା ପାଇଁ ହିଁ ଉଦ୍ଦିଷ୍ଟ। ଏହା ବିରୁଦ୍ଧରେ ଜନଗଣଙ୍କୁ ସଂଗଠିତ ହେବାକୁ ପଡିବ ଏବଂ ନିଜସ୍ୱ ରାଜନୈତିକ ଶକ୍ତି ଗଢିତୋଳିବା ମଧ୍ୟରେ ଖଟିଖିଆ ମଣିଷର ସର୍ବହରା ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ହେବ।

★★★

# ଭାରତ ସରକାରଙ୍କୁ ଡବ୍ଲ୍ୟୁଟିଓ ତ୍ୟାଗ କରିବାକୁ ହେବ : କୃଷକ ଆନ୍ଦୋଳନର ଦାବି

ପଞ୍ଜାବ-ହରିଆନା ସୀମାରେ ଚାଲିଥିବା କୃଷକ ଆନ୍ଦୋଳନ ଉପରେ ସେଠାକାର ବିଜେପି ସରକାରଙ୍କ ପୁଲିସ ଗୁଳି ଚଳାଇ ଯୁବ କୃଷକ ଶୁଭକରଣ ସିଂଙ୍କୁ ହତ୍ୟା କଲା। ଗତ ୨୩ ଫେବୃୟାରୀରେ ଏହା ବିରୁଦ୍ଧରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳିତ ହୋଇଛି। ଏହି ପ୍ରତିବାଦ ଦିବସ ପାଳନକୁ ନେତୃତ୍ୱ ଦେଇଥିଲା କୃଷକ ସଂଗଠନ ଗୁଡିକର ଯୌଥ ମଂଚ ସଂଯୁକ୍ତ କିଷାନ ମୋର୍ଚ୍ଚା। କୃଷକ ଶହୀଦ ସ୍ମରଣ ପାଇଁ ସାରା ଦେଶରେ ଶହୀଦବେଦୀ ସ୍ଥାପନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ୨୩ଟି ରାଜ୍ୟରେ ଏଆଇକେକେଏମ୍‌ଏସ୍ ଦ୍ୱାରା ପ୍ରତିବାଦ ଦିବସଟି ପାଳନ କରାଯାଇଛି। ଫେବୃଆରୀ ୨୨ତାରିଖରେ କିଷାନ ମୋର୍ଚ୍ଚା, କିଷାନ ନ୍ୟାସନାଲ କୋଅର୍ଡିନେସନ କମିଟି ଓ ସାଧାରଣ ପରିଷଦର ଯୌଥ ବୈଠକ ପରେ କୃଷକ ନେତାମାନେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ସୁପ୍ରିମକୋର୍ଟର ବିଚାରପତିଙ୍କ ଦ୍ୱାରା ଶୁଭକରଣ ହତ୍ୟାକାଣ୍ଡର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦୋଷୀ ପୁଲିସ ବିରୁଦ୍ଧରେ ମକଦ୍ଦମା ରୁଜୁ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ଉପସ୍ଥିତ ଥିଲେ ମୋର୍ଚ୍ଚାର ସଂପାଦକ ମଣ୍ଡଳୀର ସଦସ୍ୟ ଏବଂ ଏଆଇକେକେଏମ୍‌ଏସ୍‌ର ସର୍ବଭାରତୀୟ ସଭାପତି କମ୍ରେଡ ସତ୍ୟବାନ।

ମୋର୍ଚ୍ଚାର ଡାକରାରେ ଫେବୃଆରୀ ୨୬ତାରିଖରେ "ଡବ୍ଲ୍ୟୁଟିଓ ତ୍ୟାଗକର" ଦିବସ ପାଳିତ ହୋଇଥିଲା। ଫେବୃଆରୀ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଆବୁଧାବିରେ ଅନୁଷ୍ଠିତ ହେବାକୁ ଯାଉଥିବା ଡବ୍ଲ୍ୟୁଟିଓର ମନ୍ତ୍ରୀ ସ୍ତରୀୟ ବୈଠକରେ କୃଷିକୁ ଏହି ଚୁକ୍ତି ବାହାରେ ରଖିବାପାଇଁ ଭାରତ ସରକାର ପ୍ରସ୍ତାବ ଦିଅନ୍ତୁ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଥିଲା। ଏହି ଦାବି ଗ୍ରହଣୀୟ ନହେଲେ ଭାରତ ଡବ୍ଲ୍ୟୁଟିଓ ଛାଡୁ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା।

ନେତୃବୃନ୍ଦ ଆହୁରି କହିଛନ୍ତି, ସାମ୍ରାଜ୍ୟବାଦ ଏବଂ ଏକଚାଟିଆ ପୁଞ୍ଜିର ସ୍ୱାର୍ଥରେ ଏମ୍‌ଏସ୍‌ପିକୁ ନିଷିଦ୍ଧ କରିବା ଏବଂ ଖାଦ୍ୟର ଗଣବଣ୍ଟନର କ୍ଷେତ୍ରରେ ସରକାରୀ ସବ୍‌ସିଡିକୁ ଉଠାଇ ଦେବାପାଇଁ ବଡ ବଡ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ଡବ୍ଲ୍ୟୁଟିଓ ସହିତ ଚୁକ୍ତିବଦ୍ଧ ଦେଶମାନଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି। ଭାରତ ସରକାର ଏଭଳି ଚାପ ନିକଟରେ ନତି ସ୍ୱୀକାର କରିବାକୁ ବରଦାସ୍ତ କରାଯିବ ନାହିଁ ବୋଲି କୃଷକନେତାମାନେ ପ୍ରକାଶ କରିଛନ୍ତି। ଖାଦ୍ୟ ସୁରକ୍ଷା ଏବଂ ଦେଶର କୃଷକମାନଙ୍କ ସ୍ୱାର୍ଥ ରକ୍ଷାପାଇଁ ଭାରତ ସରକାରଙ୍କୁ ଦୃଢଭାବେ ନିଜର ପ୍ରସ୍ତାବ ରଖିବାକୁ ହେବ। କୃଷିପଣ୍ୟ ସଂଗ୍ରହ ଓ ଗଣବଣ୍ଟନ ପାଇଁ ମହଜୁଦ ପରିମାଣକୁ ୨୦୩୪ ସୁଦ୍ଧା ଅର୍ଦ୍ଧେକ କରିବା ପାଇଁ ବୃହତ କୃଷି ପଣ୍ୟ ରପ୍ତାନୀକାରୀ ଦେଶଗୁଡିକ ଚାପ ସୃଷ୍ଟି କରୁଛନ୍ତି। ଏହି ନୀତି ଚାଲୁହେଲେ ସରକାରଙ୍କ ଦ୍ୱାରା କୃଷି ପଣ୍ୟ ସଂଗ୍ରହ କମିଯିବ। କଣ୍ଟ୍ରୋଲ ଦୋକାନ ଜରିଆରେ ଦରିଦ୍ର ଲୋକଙ୍କୁ ଖାଦ୍ୟ ଯୋଗାଣ ବ୍ୟବସ୍ଥା ବନ୍ଦ ହୋଇଯିବ। ଫଳରେ କୃଷିପଣ୍ୟ ଏବଂ ଖାଦ୍ୟ ସଂପୂର୍ଣ୍ଣ ରୂପେ ଖୋଲା ବଜାରର ବୃହତ ବ୍ୟବସାୟୀଙ୍କ କବଳକୁ ଚାଲିଯିବ। ଏମ୍‌ଏସ୍‌ପି କୁ ଆଇନ ସମ୍ମତ କରିବା ଏବଂ ସ୍ୱାମୀନାଥନ କମିଶନର ସୁପାରିଶ ଆଧାରରେ ଏମ୍‌ଏସ୍‌ପି ପ୍ରଦାନ ପାଇଁ କୃଷକ ମାନଙ୍କର ଦାବି ଆଉ ପୂରଣ ହୋଇ ପାରିବ ନାହିଁ। ଇତି ମଧ୍ୟରେ ଋଣ ଗ୍ରସ୍ତତା ଓ ଅନ୍ୟାନ୍ୟ ସମସ୍ୟାରେ କୃଷକମାନେ ହାହାକାର କରୁଛନ୍ତି। ମାଡି ଆସୁଥିବା ଏହି ସମସ୍ୟାରୁ ମୁକ୍ତି ପାଇଁ ଭାରତ ଏବଂ ଅନ୍ୟାନ୍ୟ ଅପେକ୍ଷାକୃତ କମ ଉନ୍ନତ ଦେଶମାନଙ୍କ ସରକାର ମିଳିତ ଭାବେ ବୃହତଶକ୍ତିର ମୁକାବିଲା କରିବାକୁ କୃଷକ ନେତାମାନେ ଦାବି କରିଛନ୍ତି।

ନରେନ୍ଦ୍ର ମୋଦି ସରକାର ବୃହତ ପୁଞ୍ଜିପତି କର୍ପୋରେଟମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେଉଁ କୃଷିନୀତି ଗ୍ରହଣ କରିଛନ୍ତି ତାହା ଏହି ଡବ୍ଲ୍ୟୁଟିଓ ନୀତି ସଂଗେ ଅନେକଟା ମେଳ ଖାଉଛି।

ସଂଯୁକ୍ତ କୃଷକ ମୋର୍ଚ୍ଚା ଜଣାଇଛି ଯେ, କୃଷକମାନଙ୍କ ଏମ୍‌ଏସ୍‌ପି ଭଳି ନ୍ୟାଯ୍ୟ ଦାବି ପୂରଣ ପାଇଁ ପ୍ରଧାନମନ୍ତ୍ରୀ ୨୦୨୧ ମସିହା ଡିସେମ୍ବର ୯ତାରିଖରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା କୌଣସି ଆନ୍ତର୍ଜାତିକ ଚୁକ୍ତି ଆଳରେ ଏଡେଇ ଯାଇ ପାରିବେ ନାହିଁ। କୃଷକ ନେତାମାନେ ଘୋଷଣା କରିଛନ୍ତି ଯେ, କୃଷିପଣ୍ୟ ସଂଗ୍ରହକୁ ଅତ୍ୟାବଶ୍ୟକ କରିବା ଏବଂ ଏମ୍‌ଏସ୍‌ପିକୁ ଆଇନ ସମ୍ମତ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ।

★★★

# ନେତାଜୀଙ୍କୁ ଆତ୍ମସାତ କରିବାପାଇଁ ଆରଏସ୍ଏସ୍ ଓ ବିଜେପିର ଘୃଣ୍ୟ ଷଡଯନ୍ତ୍ର

ଚଳିତ ବର୍ଷ ନେତାଜୀ ଜୟନ୍ତୀ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ଯେଉଁଭଳି ଭାବରେ ନେତାଜୀ ବନ୍ଦନାରେ ମାତି ଉଠିଥିଲେ, ତାହା ଦେଖିଲେ କେହି ହୁଏତ ମନେକରିପାରନ୍ତି ଏମାନେ ବୋଧହୁଏ ନେତାଜୀଙ୍କ ଆଦର୍ଶ ପ୍ରତି ଏକାନ୍ତ ଅନୁଗତ ଏବଂ ନେତାଜୀଙ୍କ ଅପୂରିତ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ସେମାନଙ୍କର ଲକ୍ଷ୍ୟ।

ଏହା କ'ଣ ସତ? ପ୍ରଥମେ ଆସନ୍ତୁ ଦେଖିବା ସେମାନେ କ'ଣ କହିଛନ୍ତି। ୨୩ ଜାନୁୟାରୀ ଦିଲ୍ଲୀର ସୁଭାଷ ଚନ୍ଦ୍ର ବୋଷ ଜନ୍ମ ଶତବାର୍ଷିକୀ ଅନୁଷ୍ଠାନରେ ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ନେତାଜୀଙ୍କୁ ତାଙ୍କର ପ୍ରାପ୍ୟ ସମ୍ମାନ ଦେବାପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ସେହିଦିନ ମୋହନ ଭାଗବତ କଲିକତାର ଏକ ସଭାରେ କହିଛନ୍ତି, ସୁଭାଷ ଚନ୍ଦ୍ରଙ୍କ ଚିନ୍ତାଧାରା ସହିତ ସଂଘ ଚିନ୍ତାଧାରାର କୌଣସି ପାର୍ଥକ୍ୟ ନାହିଁ। ସଂଘ ନେତାଜୀଙ୍କ ପ୍ରେରଣାରେ କାର୍ଯ୍ୟ କରୁଛି। ସେହି ସଭାରେ ସେ ନେତାଜୀଙ୍କ ଅଧୁରା ସ୍ୱପ୍ନ ପୂର୍ଣ୍ଣ କରିବାର ଆହ୍ୱାନ ଦେଇଥିଲେ।

### ସାଂପ୍ରଦାୟିକ ବିଜେପି ବନାମ ଧର୍ମନିରପେକ୍ଷ ନେତାଜୀ

ନେତାଜୀଙ୍କ ଜୀବନ ଓ ସଂଗ୍ରାମର କଥା ଯେଉଁମାନଙ୍କୁ କିଛିଟା ଜଣା ଅଛି ସେମାନଙ୍କୁ ବୁଝିବାକୁ କୌଣସି ଅସୁବିଧା ହେବ ନାହିଁ ଯେ, ପ୍ରଧାନମନ୍ତ୍ରୀ କିମ୍ବା ଭାଗବତଙ୍କ ଚିନ୍ତାଧାରା ସହିତ ନେତାଜୀଙ୍କ ଚିନ୍ତାଧାରାର କୌଣସି ମେଳ ନାହିଁ। ଦୁଇ ଚିନ୍ତାଧାରାର ପାର୍ଥକ୍ୟ ବାସ୍ତବରେ ସଂପୂର୍ଣ୍ଣ ବିପରୀତ।

ପ୍ରଧାନମନ୍ତ୍ରୀ ଓ ମୋହନ ଭାଗବତ ଯେଉଁ ସଂକୀର୍ଣ୍ଣ ସାଂପ୍ରଦାୟିକ ଚିନ୍ତାଦ୍ୱାରା ପରିଚାଳିତ ହୁଅନ୍ତି, ସୁଭାଷ ଚନ୍ଦ୍ରଙ୍କ ଚିନ୍ତାଧାରା ମଧ୍ୟରେ ତା'ର ଚିହ୍ନ ମାତ୍ର ନ ଥିଲା। ସେ କେବଳ ଧର୍ମନିରପେକ୍ଷ ନଥିଲେ, ସଂପ୍ରଦାୟଗତ ବିଦ୍ୱେଷ, ସମାଜ ପକ୍ଷରେ କେତେ ଯେ କ୍ଷତିକାରକ ସେକଥା ତାଙ୍କ ରାଜନୈତିକ ଜୀବନରେ ବାରମ୍ବାର ଦର୍ଶାଇଛନ୍ତି। ସେହି ସମସ୍ୟାକୁ ଦୂର କରିବା ପାଇଁ ସେ ସମଗ୍ର ଜୀବନ ନିରଳସ ଚେଷ୍ଟା ଚଳାଇ ଯାଇଛନ୍ତି। ତାଙ୍କର ଏହି ପ୍ରଚେଷ୍ଟାର ପ୍ରତିଫଳନ ଆମେ ଦେଖିବାକୁ ପାଉ ଆଜାଦ୍‌ହିନ୍ଦ ଫୌଜ ମଧ୍ୟରେ। ସେଠାରେ ହିନ୍ଦୁ ମୁସଲମାନ ଶିଖ୍ ସବୁ ଭାରତୀୟ ଏକ ସଙ୍ଗେ ବସି ଖାଇଛନ୍ତି, ରହିଛନ୍ତି ସେମିତି କାନ୍ଧକୁ କାନ୍ଧ ମିଳାଇ ସ୍ୱାଧୀନତା ପାଇଁ ଲଢେଇ କରିଛନ୍ତି ପ୍ରାଣବଳୀ ଦେଇଛନ୍ତି।

ଅନ୍ୟ ଦିଗରେ ଭାଗବତ ପ୍ରମୁଖଙ୍କ ଚିନ୍ତାଧାରା ସମାଜରେ ସାଂପ୍ରଦାୟିକ ବିଦ୍ୱେଷର ବିଷ ପ୍ରସାର କରିଛି ଏବଂ ଭାରତରେ ସାଂପ୍ରଦାୟିକ ସଂପ୍ରୀତିର ଦୀର୍ଘ ଇତିହାସକୁ ଧ୍ୱଂସ କରିଚାଲିଛି।

**ସ୍ୱାଧୀନତା ସଂଗ୍ରାମର ବିରୋଧି ଥିଲା ଆର୍‌ଏସ୍‌ଏସ୍** - ନେତାଜୀ ସୁଭାଷ ଚନ୍ଦ୍ର ଥିଲେ ଭାରତର ସ୍ୱାଧୀନତା ଆନ୍ଦୋଳନର ସର୍ବଶ୍ରେଷ୍ଠ ଆପୋଷହୀନ ନେତା। ଅନ୍ୟ ଦିଗରେ ପ୍ରଧାନମନ୍ତ୍ରୀ ଯେଉଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅନୁଗାମୀ, ସେଇ ସଂଘ ବ୍ରିଟିଶ ବିରୋଧି ଆନ୍ଦୋଳନକୁ ସ୍ୱାଧୀନତା ଆନ୍ଦୋଳନ ବୋଲି ମାନିବାକୁ ରାଜି ହୋଇନଥିଲା। ଆରଏସ୍ଏସ୍‌ର ତାତ୍ତ୍ୱିକ ନେତା ଗୋଲ୍‌ୱାଲକର ତାଙ୍କର ପୁସ୍ତକ, ଉଇ ଆଣ୍ଡ ଆୱାର ନେସନହୁଡ୍ ଡିଫାଇନଡ୍(We and Our Nationhood Defined)-ରେ ମୁସଲମାନମାନଙ୍କ ପ୍ରତି ବିଦ୍ୱେଷର ବନ୍ୟା ବୁହାଇ ଦେଇଛନ୍ତି, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ବ୍ରିଟିଶ ଶାସନ ବିରୁଦ୍ଧରେ ସେ ସଂପୂର୍ଣ୍ଣ ନୀରବ। ବହିଟିର ଗୋଟିଏ ମାତ୍ର ଅନୁଚ୍ଛେଦରେ ବ୍ରିଟିଶ ଶାସନ ସଂପର୍କରେ ଉଲ୍ଲେଖ ରହିଛି। ଏହି ଉଲ୍ଲେଖର ଉଦ୍ଦେଶ୍ୟ ହେଲା ବ୍ରିଟିଶ ବିରୋଧି ଜାତୀୟତାବାଦର ତୀବ୍ର ସମାଲୋଚନା କରିବା। ଯେଉଁଠାରେ ସେ କହିଛନ୍ତି, ଆଂଚଳିକ ଜାତୀୟତାବାଦ ଓ ସର୍ବଜନୀନ ବିପଦର ତତ୍ତ୍ୱରୁ ଆମମାନଙ୍କର ଜାତୀୟତାର ଧାରଣା ସୃଷ୍ଟି ହୋଇଛି। ତା' ଫଳରେ ଆମମାନଙ୍କ ପ୍ରକୃତ ହିନ୍ଦୁ ଜାତିତତ୍ତ୍ୱର ସତୀର୍ଥମାନଙ୍କ ଅନୁପ୍ରେରଣାରୁ ଆମେ ବଂଚିତ ହୋଇଛୁ ଏବଂ ଆମମାନଙ୍କର ସ୍ୱାଧୀନତା ସଂଗ୍ରାମ ନିଛକ ବ୍ରିଟିଶ ବିରୋଧି ଆନ୍ଦୋଳନରେ ପରିଣତ ହୋଇଛି। ବ୍ରିଟିଶ ବିରୋଧିତା ସହିତ ଦେଶପ୍ରେମ, ଜାତୀୟତାବାଦକୁ ସମାର୍ଥକ ଦିଆଯାଇଛି। ଆମମାନଙ୍କ ସ୍ୱାଧୀନତା ସଂଗ୍ରାମରେ, ତାର ନେତୃବର୍ଗ ଏବଂ ସାଧାରଣ ମଣିଷ ଉପରେ ଏହି ପ୍ରତିକ୍ରିୟାଶୀଳ ମତର ପ୍ରଭାବ ଅତ୍ୟନ୍ତ ହାନିକାରକ ହୋଇଛି।

ଏହି ଭ୍ରାନ୍ତ ଚିନ୍ତାର ଭିତ୍ତିରେ ଆରଏସ୍ଏସ୍ ସ୍ୱାଧୀନତା ଆନ୍ଦୋଳନରେ ଖାଲି ଅଂଶ ଗ୍ରହଣ କରି ନାହିଁ ତା'ନୁହେଁ, ଅସଲ ଲଢେଇ ସମୟରେ ସେମାନେ ବ୍ରିଟିଶ ସରକାର ପକ୍ଷରେ ଛିଡା ହୋଇଛନ୍ତି। ଆରଏସ୍ଏସ୍-ବିଜେପିର ଆଦର୍ଶ ହିନ୍ଦୁ ମହାସଭା ନେତା ବିନାୟକ ଦାମୋଦର ସଭରକର ଜୀବନର ପ୍ରଥମ ଅବସ୍ଥାରେ ବ୍ରିଟିଶ ବିରୋଧି ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ ମଧ୍ୟ ଅଳ୍ପଦିନ ମଧ୍ୟରେ ସେ ପଥ ପରିତ୍ୟାଗ କରିଥିଲେ। ୧୯୨୦ ଦଶକର ସମସାମୟିକ କାଳଠାରୁ ସେ 'ହିନ୍ଦୁତ୍ୱର' ତାତ୍ତ୍ୱିକ ନେତା ଭାବରେ ଆତ୍ମ ପ୍ରକାଶ କରିଥିଲେ ଏବଂ ବ୍ରିଟିଶ ବିରୋଧିତା ତ୍ୟାଗ କରିଥିଲେ। ସେ କେବଳ ବ୍ରିଟିଶ ସରକାର ପାଖରେ ମାଫିନାମା ଦେଇଥିଲେ ତା' ନୁହେଁ ଯୁଦ୍ଧ ସମୟରେ ତାଙ୍କର ସ୍ଲୋଗାନ ଥିଲା, 'ରାଜନୀତିର ହିନ୍ଦୁକରଣ ଏବଂ ହିନ୍ଦୁ ଧର୍ମର ସାମରିକୀକରଣ'। ଯେତେବେଳେ ସାରା ଦେଶର ଜନଗଣ ବ୍ରିଟିଶ ଶାସନର ଅବସାନ ପାଇଁ ଆନ୍ଦୋଳନରେ ପ୍ରାଣ ଦେବାପାଇଁ ପ୍ରସ୍ତୁତ, ଆଜାଦ୍ ହିନ୍ଦ୍ ବାହିନୀ ନେତାଜୀ ସୁଭାଷ ଚନ୍ଦ୍ରଙ୍କ ନେତୃତ୍ୱରେ ମରଣପଣ ଲଢୁଛି, ସେଇ ସମୟରେ ସାଭରକର ୧୯୪୧ ମସିହା ଭାଗଲପୁର ଅଧିବେଶନରେ କହିଛନ୍ତି, "ଭାରତ ସରକାରଙ୍କ ସମସ୍ତ ଯୁଦ୍ଧ ପ୍ରସ୍ତୁତିକୁ ହିନ୍ଦୁମାନଙ୍କୁ ଅବଶ୍ୟ ହିଁ ଦ୍ୱିଧାହୀନ ଚିତ୍ତରେ ସମର୍ଥନ କରିବାକୁ ହେବ।"(ସଭରକରର ସମଗ୍ର ଖଣ୍ଡ-୬, ମହାରାଷ୍ଟ୍ର ପ୍ରାନ୍ତିକ ହିନ୍ଦୁସଭା, ପ୍ରକାଶିତ, ପୃ-୪୬୦) ସେ ଡାକ ଦେଇଥିଲେ, ହିନ୍ଦୁ ବନ୍ଧୁମାନେ ଆସନ୍ତୁ, ହଜାର ହଜାର ଲକ୍ଷ ଲକ୍ଷ ସଂଖ୍ୟାରେ ଯୋଗଦିଅନ୍ତୁ। ସାମରିକ ବାହିନୀରେ, ବିମାନ ବାହିନୀ ଓ ନୌବାହିନୀରେ ଯୋଗ ଦିଅନ୍ତୁ। (ବିନାୟକ ଦାମୋଦର ସଭରକର-ଏମ୍ଏମ୍ ଭିଡେ, ପୃ-୬୬)

ଏହି ଗୋଲାମୀର ପୁରସ୍କାର ହିସାବରେ ଭାଇସ ରାୟଙ୍କ ପ୍ରତିରକ୍ଷା କାଉନସିଲକୁ ସଭରକରଙ୍କର ପସନ୍ଦର ଲୋକଙ୍କୁ ମନୋନୀତ କରାହୋଇଥିଲା। ସେ ମଧ୍ୟ ଭାଇସରାୟଙ୍କୁ ଟେଲିଗ୍ରାମ କରି ଏଥିପାଇଁ ଧନ୍ୟବାଦ ଜଣେଇଥିଲେ।

୧୯୪୨ ମସିହାରେ 'ଭାରତ ଛୋଡୋ' ଆନ୍ଦୋଳନକୁ ହିନ୍ଦୁ ମହାସଭାର ନେତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ମଧ୍ୟ ତୀବ୍ର ଭାଷାରେ ସମାଲୋଚନା କରି କହିଥିଲେ, "ମୁଁ ମନେକରେ ନା ଯେ, ଗତ ତିନିମାସ ମଧ୍ୟରେ ଯେଉଁ ସବୁ ଅର୍ଥହୀନ ଉଶୃଙ୍ଖଳତା ଏବଂ ଧ୍ୱଂସମୂଳକ କାର୍ଯ୍ୟ କରାହୋଇଛି ତା'ଦ୍ୱାରା ଆମ ଦେଶର ସ୍ୱାଧୀନତା ଲଢେଇରେ ସହାୟକ ହେବ। ଆହୁରି ଗୋଟିଏ ପାଦ ଆଗେଇ ସେ ମିତ୍ରଶକ୍ତି, ଅର୍ଥାତ୍ ବ୍ରିଟିଶକୁ ସହଯୋଗିତା କରିବା କଥା କହିଥିଲେ। "ବର୍ତ୍ତମାନ ଯୁଦ୍ଧକାଳୀନ ଅବସ୍ଥାରେ ଭାରତର ଜାତୀୟ ସରକାର ଏମିତି ଭାବରେ ଗଠିତ ହେବ, ଯେଉଁଥିରେ ମିତ୍ର ପକ୍ଷର ନିବିଡ ସହଯୋଗି ଭାବରେ ଯୁଦ୍ଧ କରିବା ସମ୍ଭବ ହେବ।"(ରାଷ୍ଟ୍ର ସଂଗ୍ରାମର ଏକ ଅଧ୍ୟାୟ, ଶ୍ୟାମ ପ୍ରସାଦ ମୁଖାର୍ଜୀ)। ପ୍ରଖ୍ୟାତ ଇତିହାସବିଦ୍ ରମେଶ ଚନ୍ଦ୍ର ମଜୁମଦାର ତାଙ୍କ 'ବାଙ୍ଗଲାଦେଶର ଇତିହାସ' ଗ୍ରନ୍ଥରେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଗୋଟିଏ ଚିଠି ସଂଯୁକ୍ତ କରିଛନ୍ତି। ଏହି ଚିଠିରେ ଶ୍ୟାମା ପ୍ରସାଦ ଲେଖିଛନ୍ତି, ବ୍ରିଟିଶ୍‌ର ବିପଦ ତାଙ୍କର ମଧ୍ୟ ବିପଦ। ପ୍ରସଙ୍ଗତଃ, ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିଷ୍ଠିତ ଜନସଂଘରୁ ବିଜେପି ସୃଷ୍ଟି।

### ଭୋଟରେ ଧର୍ମକୁ ବ୍ୟବହାରର ବିରୋଧି ଥିଲେ ନେତାଜୀ

ସଂଘ କିମ୍ବା ବିଜେପି ଭାରତରେ ଯେଉଁ ହିନ୍ଦୁ ରାଜ୍ୟର କଥା କୁହନ୍ତି ସୁଭାଷ ଚନ୍ଦ୍ର ତାହାକୁ ସଂପୂର୍ଣ୍ଣ ଅଳସ ଚିନ୍ତା ବୋଲି ବାତିଲ କରି ଦେଇଥିଲେ। ସେ କହିଥିଲେ, "ହିନ୍ଦୁମାନେ ଭାରତରେ ସଂଖ୍ୟାଗରିଷ୍ଠ ବୋଲି ହିନ୍ଦୁ ରାଜ୍ୟର ଧ୍ୱନି ଶୁଣାଯାଏ। ଏଗୁଡିକ .... ଅଳସ ଚିନ୍ତା। ଶ୍ରମଜୀବୀ ଜନସାଧାରଣ ସମ୍ମୁଖୀନ ହେଉଥିବା ବେକାରିତ୍ୱ, ନିରକ୍ଷରତା, ଦାରିଦ୍ର୍ୟ ଭଳି କୌଣସି ଗୋଟିଏ ହେଲେ ସମସ୍ୟାର ସମାଧାନ ଏଇ ଚିନ୍ତା ମଧ୍ୟରେ ନାହିଁ।"(କୁମିଲାରେ ଭାଷଣ, ୧୪ଜୁନ୧୯୩୮)

ସେଇ ସମୟରେ ଗୋଟିଏ ଦିଗରେ ଆରଏସ୍ଏସ୍, ହିନ୍ଦୁ ମହାସଭା ଅନ୍ୟଦିଗରେ ମୁସଲିମ୍ ଲିଗର ସାଂପ୍ରଦାୟିକ କାର୍ଯ୍ୟକଳାପରେ ସେ ଏତେ ବିରକ୍ତ ଏବଂ ଉଦ୍‌ବିଗ୍ନ ହୋଇ ଉଠିଥିଲେ ଯେ, ଏହି ସାଂପ୍ରଦାୟିକ ସଂଗଠନ ଗୁଡିକର କୌଣସି ସଦସ୍ୟ କଂଗ୍ରେସର ନିର୍ବାଚିତ କମିଟିର ସଦସ୍ୟ ହୋଇପାରିବେ ନାହିଁ ବୋଲି ଦଳୀୟ ସଂବିଧାନର ନୂଆ ଧାରା ଯୁକ୍ତ କରିଥିଲେ। ଆରଏସ୍ଏସ୍-ବିଜେପିର ରାଜନୀତିର କେନ୍ଦ୍ରବିନ୍ଦୁ ଏହାର ସଂପୂର୍ଣ୍ଣ ବିପରୀତ ଏବଂ ପୁରାପୁରି ସଂଖ୍ୟାଲଘୁ ବିଦ୍ୱେଷ ଉପରେ ପ୍ରତିଷ୍ଠିତ। ସେମାନଙ୍କର ଲକ୍ଷ୍ୟ ହେଉଛି ମୁସ୍‌ଲିମ ବିଦ୍ୱେଷକୁ ଉସ୍‌କାଇ ହିନ୍ଦୁ ଭୋଟ ବ୍ୟାଙ୍କର ତିଆରି। ସେହି ଉଦ୍ଦେଶ୍ୟରେ ବାବ୍ରି ମସଜିଦ୍ ଧ୍ୱଂସ, ସେହି କାରଣରୁ ହିଁ ମହା ସମାରୋହରେ ରାମମନ୍ଦିର ପ୍ରତିଷ୍ଠା। ଅନ୍ୟଦିଗରେ ନେତାଜୀଙ୍କର ବକ୍ତବ୍ୟ ଥିଲା, "ଧର୍ମକୁ ସଂପୂର୍ଣ୍ଣରୂପେ ରାଜନୀତିଠାରୁ ବାଦ ଦେବା ଉଚିତ୍, ବ୍ୟକ୍ତି ହିସାବରେ ଜଣେ ମଣିଷ ଯେଉଁ ଧର୍ମ ପସନ୍ଦ କରେ ତାହା ଅନୁସରଣ କରିବାର ପୂର୍ଣ୍ଣ ସ୍ୱାଧୀନତା ରହିବ।" କିନ୍ତୁ କୌଣସି ଧର୍ମୀୟ କିମ୍ବା ଅତିନ୍ଦ୍ରିୟ ବିଷୟ ଦ୍ୱାରା ରାଜନୀତି ପରିଚାଳିତ ହେବା ଉଚିତ ନୁହେଁ। କେବଳ ଅର୍ଥନୈତିକ, ରାଜନୈତିକ ଓ ବୈଜ୍ଞାନିକ ବିଚାର ବୁଦ୍ଧିଦ୍ୱାରା ରାଜନୀତି ପରିଚାଳିତ ହେବା ଉଚିତ।(୨୨ଜୁନ ୧୯୩୯, ମୁମ୍ବାଇରେ ଫରୱାର୍ଡ ବ୍ଲକ୍‌ର ଅଧିବେଶନରେ ଭାଷଣ।)

ଆରଏସ୍ଏସ୍-ହିନ୍ଦୁ ମହାସଭାର ଏହି ଜଘନ୍ୟ ଭୂମିକା ଦେଖି ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, "ସନ୍ୟାସୀ ଓ ସନ୍ୟାସୀନୀ ମାନଙ୍କୁ ତ୍ରିଶୂଳ ଧରାଇ ହିନ୍ଦୁ ମହାସଭା ଭୋଟ ଭିକ୍ଷା ପାଇଁ ପଠାଇଛି। ତ୍ରିଶୂଳ ଓ ଗେରୁଆ ବସ୍ତ୍ର ଦେଖିଲେ ହିନ୍ଦୁମାତ୍ରେ ହିଁ ଶିର ନତ କରେ। ଧର୍ମର ସୁଯୋଗ ନେଇ, ଧର୍ମକୁ କଳୁଷିତ କରି ହିନ୍ଦୁମହାସଭା ରାଜନୀତି କ୍ଷେତ୍ରରେ ଆତ୍ମ ପ୍ରକାଶ କରିଛି।" ହିନ୍ଦୁ ମାତ୍ରେହିଁ ଏହାର ନିନ୍ଦା କରିବା ଦରକାର। ଏହି ବିଶ୍ୱାସଘାତକ ମାନଙ୍କୁ ଆପଣମାନେ ରାଷ୍ଟ୍ରୀୟ ଜୀବନରୁ ହଟାଇ ଦିଅନ୍ତୁ। ଏମାନଙ୍କର କଥା କେହି ଶୁଣନ୍ତୁ ନାହିଁ। (୧୯୪୦ରେ ଝାଡଗ୍ରାମଠାରେ ଭାଷଣ)।

### ବିଜେପି ନେତାଜୀଙ୍କ ପଥ ଅନୁସରଣ କରେ ନାହିଁ :

ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ନେତାଜୀଙ୍କୁ ପ୍ରାପ୍ୟ ସମ୍ମାନ ଦେବାପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିଛି। କୌଣସି ବ୍ୟକ୍ତି ବା ମନିଷୀଙ୍କୁ ସମ୍ମାନ ଦେବାର ଯଥାର୍ଥ ଏବଂ ଏକମାତ୍ର ଉପାୟ ହେଉଛି ତାଙ୍କ ଆଦର୍ଶକୁ ଅନୁସରଣ କରିବା। ସେହି କାର୍ଯ୍ୟକୁ ବାଦ୍‌ଦେଇ କେବଳ ମୂର୍ତ୍ତି ପ୍ରତିଷ୍ଠା, ତାଙ୍କ ନାମରେ ପୁରସ୍କାର ଘୋଷଣା, ମିଉଜିୟମ୍ ତିଆରି ଇତ୍ୟାଦି ବାସ୍ତବରେ ଲୋକ ଦେଖାଣିଆ ଛଡା ଆଉ କିଛି ନୁହେଁ। ଦେଶର ଶ୍ରମିକ-କୃଷକମାନଙ୍କର ସଂପର୍କରେ ନେତାଜୀଙ୍କ ଚିନ୍ତା ସହିତ ମୋଦି ସରକାରଙ୍କ ନୀତିର କ'ଣ କୌଣସି ମେଳ ଅଛି?

ନେତାଜୀ କହିଥିଲେ, "ଆଜି ଭାରତର ଶ୍ରମିକଗଣ ଯାହା ସର୍ବାପେକ୍ଷା ବେଶୀ କାମନା କରନ୍ତି ତାହା ହେଲା ଐକ୍ୟ। ସେମାନେ ଯେମିତି ଦୁର୍ବଳ ଓ ନିରକ୍ଷର ସେଥିରେ ଧନିକ ଶ୍ରେଣୀ ବିରୁଦ୍ଧରେ ସଂଗ୍ରାମର ଐକ୍ୟହିଁ ସେମାନଙ୍କର ଏକମାତ୍ର ଅସ୍ତ୍ର। ସର୍ବତ୍ର ଶ୍ରମିକମାନଙ୍କ ଭିତରେ ବିଭେଦ ସୃଷ୍ଟିର ଚେଷ୍ଟା ଚାଲିଛି। ଏହା ନିଶ୍ଚୟ ସହଜ। କାହିଁକି ନା ଭାରତର ଜନଗଣ ଭୋକିଲା ଅବସ୍ଥାରେ ଅଛନ୍ତି। ଧନିକ ଶ୍ରେଣୀ ହାତରେ ପ୍ରଚୁର ଟଙ୍କା ଥିବାରୁ ସେମାନେ ଯେକୌଣସି ପରିକଳ୍ପନାକୁ କାମରେ ଲଗାଇ ପାରନ୍ତି। ଶ୍ରମିକମାନେ ମନେରଖିବା ଉଚିତ୍ ଯେ, ଯେଉଁମାନେ ଗଣ୍ଡଗୋଳ ଓ ବିଭେଦ ସୃଷ୍ଟି କରିବାକୁ ଚାହାନ୍ତି ସେମାନେ ତାଙ୍କର ଶତ୍ରୁ ଏବଂ ସେମାନେ ଧନୀକ ଶ୍ରେଣୀର ଦଲାଲ ହିସାବରେ କାର୍ଯ୍ୟ କରନ୍ତି। (ଜଗଦ୍ଦଳ ଚଟକଳ ଶ୍ରମିକ ସମ୍ମିଳନୀରେ ଭାଷଣ, ୧୦ଅକ୍ଟୋବର ୧୯୩୧)।" ନରେନ୍ଦ୍ର ମୋଦୀ ତାଙ୍କର ଶାସନ କାଳରେ ଶ୍ରମିକମାନଙ୍କର ଐକ୍ୟ ଭଙ୍ଗ ଭଳି ଜଘନ୍ୟ କାର୍ଯ୍ୟ କରିଚାଲିଛନ୍ତି। ଗୋଟିଏ ଦିଗରେ ଶ୍ରମ ଆଇନ ବଦଳାଇ ଦେଇ ମାଲିକମାନଙ୍କୁ ଅବାଧ ଶ୍ରମିକ ଶୋଷଣର ଅଧିକାର ଦେଇ ଦେଇଛନ୍ତି। ଅନ୍ୟଦିଗରେ ଧର୍ମଭିତ୍ତିରେ ଶ୍ରମଜୀବୀ ମଣିଷ ଭିତରେ ବିଭେଦ ସୃଷ୍ଟି କରି ମାଲିକ ଶ୍ରେଣୀ ବିରୁଦ୍ଧରେ ସେମାନଙ୍କ ସଂଗ୍ରାମୀ-ଐକ୍ୟକୁ ଦୁର୍ବଳ କରି ଦେଇଛନ୍ତି। ଏହାପରେ ବି କେହି ବିଶ୍ୱାସ କରିବ, ସେମାନେ ନେତାଜୀଙ୍କୁ ଉପଯୁକ୍ତ ସମ୍ମାନ ଦିଅନ୍ତି ବୋଲି?

ନେତାଜୀ ଚାହିଁଥିଲେ ସ୍ୱାଧୀନ ଭାରତର ଶିକ୍ଷା ଧର୍ମନିରପେକ୍ଷ ନୀତିରେ ଚାଲିବ। କହିଥିଲେ, "ଧର୍ମନିରପେକ୍ଷ ଓ ବିଜ୍ଞାନ ଭିତ୍ତିକ ଶିକ୍ଷାର ଆଉ ଗୋଟିଏ ଦିଗରୁ ଉପଯୋଗିତା ରହିଛି - ଏହା ଅର୍ଥନୈତିକ ଚେତନା ଜାଗ୍ରତ କରିବା କ୍ଷେତ୍ରରେ ସହାୟତା କରେ। ଅର୍ଥନୈତିକ ଚେତନାର ପ୍ରଭାବ ଭଣ୍ଡାମୀର ମୃତ୍ୟୁ ଘୋଷଣା କରେ। ଜଣେ ମୁସଲମାନ କୃଷକ ସହ ଜଣେ ମୁସଲମାନ ଜମିଦାରର ଯେଉଁ ମେଳ ତାହା ଅପେକ୍ଷା ଅନେକ ବେଶୀ ମେଳ ରହିଛି ଜଣେ ହିନ୍ଦୁ କୃଷକ ସହିତ ଜଣେ ମୁସଲମାନ କୃଷକର। ଜନସାଧାରଣଙ୍କର ଅର୍ଥନୈତିକ ସ୍ୱାର୍ଥ କେଉଁଠାରେ ନିହିତ ରହିଛି ତାହା ସେମାନଙ୍କୁ ଶିଖାଇବାକୁ ହେବ ଏବଂ ଥରେ ସେମାନେ ଏହା ଉପଲବ୍ଧି କରିପାରିଲେ କେବେ ହେଲେ ସାଂପ୍ରଦାୟିକ ପ୍ରଚାର ସହିତ ସହମତ ହେବେ ନାହିଁ।"(ପୁନା, ମହାରାଷ୍ଟ୍ର ପ୍ରାଦେଶିକ ସମ୍ମିଳନୀରେ ଭାଷଣ-୩ ମେ୧୯୨୮)

ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିବା ଆଗରୁ ଘୋଷଣା କରିଥିଲେ, ସେ କ୍ଷମତାକୁ ଆସିଲେ ନେତାଜୀଙ୍କ ସହିତ ସଂପର୍କିତ ସମସ୍ତ ଗୋପନ ଫାଇଲ ପ୍ରକାଶ କରିବେ। ବାସ୍ତବରେ ଥରେ ମାତ୍ର କେତୋଟି ମାମୁଲି ଫାଇଲ ପ୍ରକାଶ କରିବା ଛଡା ନରେନ୍ଦ୍ର ମୋଦି ସରକାର ଫାଇଲ ଗୁଡିକୁ ନେଇ ନୀରବତା ପ୍ରକାଶ କରିଚାଲିଛି। ନେତାଜୀଙ୍କ ଅନ୍ତର୍ଦ୍ଧାନ ୮୦ବର୍ଷ ପାର ହୋଇ ସାରିଛି। କଂଗ୍ରେସ ଏବଂ ବ୍ରିଟିଶର ସଲାସୁତୁରାରେ ନେତାଜୀଙ୍କ ବିରୁଦ୍ଧରେ କି ଧରଣର ମାରାତ୍ମକ ଷଡଯନ୍ତ୍ର ରଚିତ ହୋଇଥିଲା ଯେ ବିଜେପି ମଧ୍ୟ ସେକଥା ପ୍ରକାଶ କରିବାକୁ ଭୟ ପାଉଛି! ଦେଶବାସୀଙ୍କର ଅଧିକାର ଅଛି ସେମାନଙ୍କ ପ୍ରିୟ ନେତାଜୀଙ୍କ ସହିତ ବ୍ରିଟିଶ ଓ କଂଗ୍ରେସ କି ଧରଣର ବ୍ୟବହାର କରିଥିଲା ତାହା ଜାଣିବାପାଇଁ। ତାହା ଗୋପନ କରିବା କଣ ନେତାଜୀଙ୍କୁ ସମ୍ମାନ ଦେବା? ଦେଶର ସାଧାରଣ ମଣିଷ ଅନ୍ତତଃ ତାହା ମନେ କରନ୍ତି ନାହିଁ।

ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ନିର୍ଦ୍ଦେଶରେ ଆଜାଦ୍ ହିନ୍ଦ୍ ବାହିନୀ ଓ ନେତାଜୀଙ୍କ

*ଅବଶିଷ୍ଟାଂଶ ୭ମ ପୃଷ୍ଠାରେ*

## ନେତାଜୀଙ୍କୁ ଆତ୍ମସାତ୍ ....

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସ୍ୱାଧୀନତା ସଂଗ୍ରାମରେ ଭୂମିକା ତଥ୍ୟ ସମ୍ବଳିତ ଗୋଟିଏ ପୁସ୍ତକ ରଚନାର ଦାୟିତ୍ୱ ପ୍ରଖ୍ୟାତ ଐତିହାସିକ ପତୁଲ ଚନ୍ଦ୍ର ଗୁପ୍ତଙ୍କ ନେତୃତ୍ୱରେ କେତେକ ଇତିହାସବିଦ୍‌ଙ୍କୁ ଦିଆଯାଇଥିଲା। ସେହି ବହି ଏବେବି ପ୍ରକାଶିତ ହୋଇନାହିଁ। ୨୦୧୧ ମସିହାରେ ଦିଲ୍ଲୀ ହାଇକୋର୍ଟ ବହିଟିର ପ୍ରକାଶ କରିବାର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତତ୍କାଳୀନ କେନ୍ଦ୍ର ଉପା ସରକାର ସେହି ନିର୍ଦ୍ଦେଶ ମାନି ନାହାନ୍ତି। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବାପରେ ବିଭିନ୍ନ ମହଲରୁ ବହି ପ୍ରକାଶ କରିବାକୁ ଦାବି ହେଉଥିଲେ ମଧ୍ୟ ମୋଦି ଏହି ବହି ପ୍ରକାଶ କଲେନାହିଁ। ନେତାଜୀଙ୍କ ପ୍ରସଙ୍ଗରେ କଂଗ୍ରେସ ସରକାର ସହିତ ବିଜେପି ସରକାରର କୌଣସି ପାର୍ଥକ୍ୟ ଦେଶର ମଣିଷ ଖୋଜି ପାଇନାହାନ୍ତି।

### ଭୋଟ ରାଜନୀତି ସ୍ୱାର୍ଥରେ ନେତାଜୀ ବନ୍ଦନା:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୋହନ ଭାଗବତ ତଥା ବିଜେପି-ଆରଏସ୍ଏସ୍ ଚିନ୍ତା ସହିତ ସୁଭାଷ ଚନ୍ଦ୍ର ବୋଷଙ୍କ ଚିନ୍ତାଧାରାର କୌଣସି ଦିଗରେ ମେଳ ନାହିଁ। ତା'ହେଲେ ସୁଭାଷ ଚନ୍ଦ୍ରଙ୍କ ଆଦର୍ଶକୁ ସେମାନେ ମାନନ୍ତି, ଏକଥା କହୁଛନ୍ତି କାହିଁକି ? ଏହା ମଧ୍ୟରେ ଗୋଟିଏ ଗଭୀର ଷଡଯନ୍ତ୍ର ରହିଛି। ତା'ହେଲା, ଗୋଟିଏ ଦିଗରେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସେମାନଙ୍କର କଳଙ୍କମୟ ଭୂମିକାକୁ ଆଢୁଆଳ କରିବା, ଅନ୍ୟଦିଗରେ ଜାତି ଧର୍ମ ପ୍ରଦେଶ ନିର୍ବିଶେଷରେ ସୁଭାଷଚନ୍ଦ୍ରଙ୍କ ବିପୁଳ ଜନପ୍ରିୟତା ଏବଂ ଧର୍ମନିରପେକ୍ଷ, ଆପୋଷହୀନ ଜାତୀୟ ନେତା ହିସାବରେ ଦେଶସାରା ତାଙ୍କର ଯେଉଁ ଗ୍ରହଣ ଯୋଗ୍ୟତା ରହିଛି ତାକୁ ଆତ୍ମସାତ୍ କରିବା। ସେମାନଙ୍କ ଆଦର୍ଶ ଓ ନେତାଜୀଙ୍କ ଚିନ୍ତା ଯେ ବିପରୀତ ମେରୁରେ ଅବସ୍ଥାନ କରେ ଏହାକୁ ଗୋପନ ରଖିବା ପାଇଁ ସେମାନେ ଆଜି ସୁଭାଷ ପ୍ରେମୀ ସାଜିଛନ୍ତି।

ସ୍ୱାଧୀନତା ଆନ୍ଦୋଳନରେ ଆରଏସ୍ଏସ୍ ଏବଂ ବିଜେପିର ପୂର୍ବସୂରୀ ତତ୍କାଳୀନ ହିନ୍ଦୁ ମହାସଭାର କଳଙ୍କମୟ ଇତିହାସ ନୂତନ ପିଢୀ ଜାଣନ୍ତି ନାହିଁ। ସେହି ଭୂମିକାକୁ ନେତାଜୀଙ୍କ ପ୍ରୀତି ଆଢୁଆଳରେ ଲୋକଙ୍କ ମନରୁ ପୋଛି ଦେବାର ଚେଷ୍ଟା ଏହି ନେତାଜୀ ବନ୍ଦନାର ଅନ୍ୟତମ କାରଣ। ଆଜି ଯେତେବେଳେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କ ସେବାରେ ନିବେଦିତ ବିଜେପି ସରକାରର ବ୍ୟର୍ଥତା-ମୂଲ୍ୟବୃଦ୍ଧି କର୍ମ ସଂସ୍ଥାନ, ଶିକ୍ଷା, ଚିକିତ୍ସାର ବେସରକାରୀକରଣ ପ୍ରଭୃତି ପ୍ରତିଟି ପ୍ରଶ୍ନ ପ୍ରକଟ ହୋଇ ଉଠିଛି, ସେତେବେଳେ 'ନେତାଜୀଙ୍କ ଆଦର୍ଶ ଆମମାନଙ୍କର ଆଦର୍ଶ' ଏହି କଥା କହିବା ଦ୍ୱାରା ଦେଶବାସୀଙ୍କର ନେତାଜୀଙ୍କ ପ୍ରତି ଥିବା ଆବେଗକୁ କାର୍ଯ୍ୟରେ ଲଗାଇ ସରକାରର ଜନବିରୋଧି ଭୂମିକାଟିକୁ ଆଢୁଆଳ କରିବାର ହୀନ ଚେଷ୍ଟା ରହିଛି ଏହାରି ମଧ୍ୟରେ। ଫଳରେ ପ୍ରଧାନମନ୍ତ୍ରୀ ଓ ଭାଗବତଙ୍କ ନେତାଜୀ ବନ୍ଦନା ଯେ ନିଛକ ଭୋଟ ରାଜନୀତିର ହିସାବ କିତାବ ତାହା ବୁଝିବା ଅତ୍ୟନ୍ତ ସ୍ପଷ୍ଟ।

★★★

## କମ୍ମ୍ୟୁନ ହିଁ.....

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

କରି ଯେଉଁମାନେ ଭୋଗଦଖଲ କରୁଥିଲେ ସେମାନଙ୍କ ବିରୁଦ୍ଧରେ ଉତ୍ପାଦକ ଶ୍ରେଣୀର ସୁନିର୍ଦ୍ଦିଷ୍ଟ ଫଳ ଥିଲା କମ୍ମ୍ୟୁନ। ଅବଶେଷରେ କମ୍ମ୍ୟୁନ ସେହି ରାଜନୈତିକ ଆଧାରକୁ ଆବିଷ୍କାର କରିଥିଲା, ଯାହା ମଧ୍ୟ ଦେଇ ଶ୍ରମର ଅର୍ଥନୈତିକ ମୁକ୍ତି ସମ୍ଭବ ହେବ। ଏହି ସର୍ବଶେଷ ସର୍ତ୍ତଟିକୁ ବାଦ ଦେଇ କମ୍ମ୍ୟୁନର ଗଠନତନ୍ତ୍ର ଗଢିଉଠିବା ଥିଲା ଅସମ୍ଭବ ଓ ଗୋଟିଏ ମିଥ୍ୟା ମରୀଚିକା।

ଯେଉଁ ରାଜନୈତିକ ରୂପ ମାଧ୍ୟମରେ ସମାଜର ସମାଜତାନ୍ତ୍ରିକ ପୁନର୍ଗଠନ ହେଇପାରିବ, କଳ୍ପନାବିଳାସୀ, ୟୁଟୋପିଆନ ସମାଜତନ୍ତ୍ରୀମାନେ ସେହି ରୂପର ଆବିଷ୍କାର କରିବା ପାଇଁ ଉଦଗ୍ରୀବ ଥିଲେ। ନୈରାଜ୍ୟବାଦୀମାନେ ରାଷ୍ଟ୍ରର ରାଜନୈତିକ ରୂପରେଖର ପ୍ରଶ୍ନଟିକୁ ସମ୍ପୂର୍ଣ୍ଣ ଉପେକ୍ଷା କରିଥିଲେ। ଆଧୁନିକ ସୋସିଆଲ-ଡେମୋକ୍ରାଟ ସୁବିଧାବାଦୀମାନେ ପାର୍ଲିଆମେଣ୍ଟାରି ଗଣତାନ୍ତ୍ରିକ ରାଷ୍ଟ୍ରର ବୁର୍ଜୁଆ ରାଜନୈତିକ ରୂପରେଖକୁ ହିଁ ଅନ୍ତିମ ସୀମା ବୋଲି ସ୍ୱୀକାର କରି ନେଇଛନ୍ତି। ଏହି ରୂପକୁ ଅତିକ୍ରମ କରିବା ସମ୍ଭବ ନୁହେଁ ବୋଲି ସେମାନେ ଭାବନ୍ତି। ବୁର୍ଜୁଆ ଗଣତନ୍ତ୍ରର ଏହି ରୂପରେଖ ସମ୍ମୁଖରେ ସେମାନେ ଅଧିଆ ପଡି ମୁଣ୍ଡ କୋଡୁଛନ୍ତି ଏବଂ ଏହି ରୂପରେଖକୁ ଭାଙ୍ଗିବାର ପ୍ରତ୍ୟେକ ପ୍ରଚେଷ୍ଟାକୁ ନୈରାଜ୍ୟବାଦ ବୋଲି ଅପବାଦ ଦେଉଛନ୍ତି।

ସମାଜତନ୍ତ୍ର ଓ ରାଜନୈତିକ ସଂଗ୍ରାମର ସମଗ୍ର ଇତିହାସ ପର୍ଯ୍ୟାଲୋଚନା କରି ମାର୍କ୍ସ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ରାଷ୍ଟ୍ର ଅବଲୁପ୍ତ ହେବାକୁ ବାଧ ଏବଂ ତା'ର ଅବଲୁପ୍ତିର ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ(ରାଷ୍ଟ୍ରରୁ ରାଷ୍ଟ୍ରହୀନ ସମାଜ ବ୍ୟବସ୍ଥାକୁ ଉତ୍ତରଣ)' ଶାସକ ଶ୍ରେଣୀ ଭାବେ ସଂଗଠିତ ଶ୍ରମିକ ଶ୍ରେଣୀ' ରାଷ୍ଟର କ୍ଷମତା ଦଖଲ କରିବ। କିନ୍ତୁ ଭବିଷ୍ୟତର ସେହି ସ୍ତରର ରାଜନୈତିକ ରୂପ ଆବିଷ୍କାର କରିବାକୁ ମାର୍କ୍ସ ଆତ୍ମନିଯୋଗ କରିନଥିଲେ। ଫ୍ରାନ୍ସର ଇତିହାସକୁ ସଠିକ ଭାବେ ପର୍ଯ୍ୟାଲୋଚନା ଓ ବିଶ୍ଳେଷଣ କରିବା ଭିତରେ ମାର୍କ୍ସ ନିଜକୁ ସୀମାବଦ୍ଧ ରଖିଥିଲେ। ୧୮୫୧ ମସିହାର ଘଟଣାବଳୀ ଯେଉଁ ଉପସଂହାରରେ ପହଂଚିଥିଲା, ଅର୍ଥାତ ବୁର୍ଜୁଆ ରାଷ୍ଟ୍ରଯନ୍ତ୍ରର ବିନାଶ ଅଭିମୁଖୀ ଘଟଣାବଳୀର ଅଗ୍ରଗତିର ଆଲୋଚନାରେ ହିଁ ମାର୍କ୍ସ ପୂର୍ଣ୍ଣ ମନୋନିବେଶ କରିଥିଲେ।

ବ୍ୟର୍ଥ, କ୍ଷଣସ୍ଥାୟୀ ଓ ସୁସ୍ପଷ୍ଟ ଦୁର୍ବଳତା ସତ୍ତ୍ୱେ, ସର୍ବହରା ଶ୍ରେଣୀର ଗଣ ଆନ୍ଦୋଳନ ଯେତେବେଳେ ବିସ୍ଫୋରକ ଅବସ୍ଥାରେ ଥିଲା, ସେହି ଆନ୍ଦୋଳନ ଯେଉଁ ରାଷ୍ଟ୍ରରୂପକୁ ଆବିଷ୍କାର କଲା, ମାର୍କ୍ସ୍ ତା'ର ପର୍ଯ୍ୟାଲୋଚନା କରିବା ଆରମ୍ଭ କଲେ। ଶ୍ରମିକ ଶ୍ରେଣୀର ବିପ୍ଳବ ଫଳରେ 'ଅବଶେଷରେ ଆବିଷ୍କୃତ' ହେଲା ରାଷ୍ଟ୍ରର ସେହି ନୂଆ ରୂପ, ଯାହାର ଆଧାରରେ ଶ୍ରମର ରାଜନୈତିକ ମୁକ୍ତି ସମ୍ଭବ।

କମ୍ମ୍ୟୁନ ପ୍ରତିଷ୍ଠା, ବୁର୍ଜୁଆ ରାଷ୍ଟ୍ରଯନ୍ତ୍ରକୁ ଚୂର୍ଣ୍ଣ କରିବା ପାଇଁ ସର୍ବହରା ବିପ୍ଳବର ପ୍ରଥମ ପ୍ରଚେଷ୍ଟା। ଏହି କମ୍ମ୍ୟୁନ ହିଁ 'ଅବଶେଷରେ ଆବିଷ୍କୃତ' ସେହି ରାଜନୈତିକ ରୂପ, ଯାହା ଧ୍ୱଂସପ୍ରାପ୍ତ ରାଷ୍ଟ୍ରଯନ୍ତ୍ରର ସ୍ଥାନ ଗ୍ରହଣ କରି ପାରେ ଏବଂ ଭବିଷ୍ୟତରେ ଅବଶ୍ୟ କରିବ।

ଆମେ ପରେ ଦେଖିବା, ୧୯୦୫ ଓ ୧୯୦୭ ମସିହାର ରୁଷ ବିପ୍ଳବ ଭିନ୍ନ ପରିସ୍ଥିତିରେ ଓ ଭିନ୍ନ ଅବସ୍ଥାରେ କମ୍ମ୍ୟୁନର କାମକୁ ହିଁ ଆଗକୁ ନେଇ ଚାଲିଛି ଏବଂ ମାର୍କ୍ସଙ୍କର ପ୍ରତିଭାଦୀପ୍ତ ବିଶ୍ଳେଷଣର ଯଥାର୍ଥତାକୁ ପ୍ରମାଣ କରିଛି।

ଏସିଆ ମାଇନରର ଗ୍ରୀକ ଅଧ୍ୟୁଷିତ ଆଇଓନିଆରେ ଥିବା ବାରୋଟି ନଗର ମଧ୍ୟରୁ ଗୋଟିଏ ଥିଲା ଏଫେସସ୍, ଯେଉଁଠି ଗ୍ରୀକ ଦେବୀ ଆର୍ଟେମିସଙ୍କର ଗୋଟିଏ ମନ୍ଦିର ଥିଲା। ଜନଶ୍ରୁତି ଅନୁସାରେ, ଗ୍ରୀସର ମାସେଡୋନିଆରେ ପରବର୍ତ୍ତୀ କାଳର ଦିଗବିଜୟୀ ସମ୍ରାଟ ଆଲେକଜାଣ୍ଡାର ଯେଉଁ ଦିନ ଜନ୍ମ ଗ୍ରହଣ କଲେ, ସେହିଦିନ ରାତିରେ ହୋରାଷ୍ଟ୍ରାଟସ ନାମକ ଜଣେ ବ୍ୟକ୍ତି ନିଜେ ବିଖ୍ୟାତ ହେବାର ବାସନାରେ ଏଫେସସରେ ଆର୍ଟେମିସଙ୍କର ମନ୍ଦିରଟି ପୋଡି ଦେଇଥିଲେ।

★★★

# ଚଳିତ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ
# ଏସ୍.ୟୁ.ସି.ଆଇ(କମ୍ମ୍ୟୁନିଷ୍ଟ) ପକ୍ଷରୁ ପ୍ରେସ୍ ଇସ୍ତାହାର

*ଆଗାମୀ ନିର୍ବାଚନରେ ଏସ୍.ୟୁ.ସି.ଆଇ(ସି) କେନ୍ଦ୍ରୀୟ କମିଟିର ଅନୁମୋଦନ କ୍ରମେ ଦଳ ପକ୍ଷରୁ ୨୨ଟି ରାଜ୍ୟରୁ ୧୫୧ଟି ଲୋକସଭା ଆସନରେ ଏବଂ ଆମ ରାଜ୍ୟର ୧୬ଟି ଲୋକସଭା ଓ ୨୮ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରାଯିବ। ରାଜ୍ୟର ଜନସାଧାରଣ ଭଲଭାବରେ ଅବଗତ ଯେ, ଆମ ଦଳ ଦୀର୍ଘ ବହୁ ଦଶନ୍ଧି ଧରି ସମଗ୍ର ଦେଶ ତଥା ରାଜ୍ୟର ଜନସାଧାରଣଙ୍କ ଜୀବନ ଜୀବିକା ସହିତ ସମ୍ପର୍କିତ ଜ୍ୱଳନ୍ତ ସମସ୍ୟାବଳୀର ସମାଧାନ ଓ ପ୍ରତିକାର ଦାବିରେ ତଥା ଶିକ୍ଷା, ସ୍ୱାସ୍ଥ୍ୟସେବା, ବାସଗୃହ ଭଳି ଜନସାଧାରଣଙ୍କର ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ଲଗାତର ଗଣ ଆନ୍ଦୋଳନ ପରିଚାଳନା କରି ଆସୁଛି। ଏହା ବ୍ୟତୀତ ଅତୀତରେ କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ହୋଇଥିବା ବିଭିନ୍ନ ଦଳ ନେତୃତ୍ୱରେ ପରିଚାଳିତ ସରକାରମାନଙ୍କ ସମେତ ସମ୍ପ୍ରତି କେନ୍ଦ୍ରରେ ଦୁଇ ଦଫାରେ ୧୫ ବର୍ଷ ଧରି ଶାସନ କରୁଥିବା ବି.ଜେ.ପି ସରକାର ଏବଂ ରାଜ୍ୟରେ ୯ବର୍ଷ ଧରି ଶାସନ କରିଥିବା ବି.ଜେ.ଡି-ବି.ଜେ.ପି ମେଣ୍ଟ ସରକାର ଏବଂ ଗତ ୧୫ ବର୍ଷ ଧରି ରାଜ୍ୟରେ ଏକକଭାବରେ କ୍ଷମତାରେ ରହିଥିବା ବି.ଜେ.ଡି ସରକାରର ସମସ୍ତ ଜନବିରୋଧୀ ନୀତି ଓ ପଦକ୍ଷେପ ବିରୁଦ୍ଧରେ ଲଗାତର ଆନ୍ଦୋଳନ ପରିଚାଳନା କରୁଛି। ଏହାଫଳରେ ଆମ ଦଳ କ୍ରମଶଃ ଅଧିକରୁ ଅଧିକ ଜନସାଧାରଣଙ୍କର ଆସ୍ଥାଭାଜନ ହେଉଛି ଏବଂ ଦଳ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାକୁ ସମ୍ପ୍ରସାରିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ଅକୁଣ୍ଠ ସହଯୋଗ ଓ ସମର୍ଥନରେ ଆନ୍ଦୋଳନର ହତିଆର ଭାବରେ ବହୁ ସଂଖ୍ୟକ ଲଢୁଆ ଗଣ କମିଟି ଗଢିଉଠିଛି। ଏହିଭଳି ସମୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଗଣ ଆନ୍ଦୋଳନର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଆମ ଦଳ ଏହି ନିର୍ବାଚନରେ ଅଂଶଗ୍ରହଣ କରୁଛି।*

*ଏହି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିଲା ବେଳେ ସ୍ୱାଧୀନତା ପରେ ଦୀର୍ଘ ବହୁ ଦଶନ୍ଧି ଧରି କେନ୍ଦ୍ର ଓ ରାଜ୍ୟରେ କ୍ଷମତାରେ ରହିଥିବା କଂଗ୍ରେସ ସରକାର ଦେଶର ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥରେ ଗ୍ରହଣ କରିଥିବା ଚୂଡ଼ାନ୍ତ ଭାବରେ ଜନବିରୋଧୀ ନୀତିଗୁଡ଼ିକୁ ବର୍ତ୍ତମାନର କେନ୍ଦ୍ର ବି.ଜେ.ପି ଓ ରାଜ୍ୟ ବି.ଜେ.ଡି ସରକାର ଆହୁରି ଦ୍ରୁତ କାର୍ଯ୍ୟକାରୀ କରିବା ଫଳରେ ଦେଶର ସିଂହଭାଗ ଜନସାଧାରଣଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ମାତ୍ର ଶତକଡ଼ା ୩ ଭାଗ ଅତି ଧନୀଙ୍କ ହାତରେ ଦେଶର ଶତକଡ଼ା ୭୦ଭାଗ ସମ୍ପଦ ଠୁଳ ହୋଇଛି। ଏହାର ବିପରୀତରେ ଆର୍ଥିକ ଭାବରେ ସବୁଠାରୁ ଦୁର୍ବଳ ଜନସଂଖ୍ୟାର ଶତକଡ଼ା ୫୦ଭାଗ ଲୋକଙ୍କ ନିକଟରେ ମାତ୍ର ଶତକଡ଼ା ୩ ଭାଗ ସମ୍ପଦ ରହିଛି। ସ୍ୱାଧୀନତାର ୭୬ ବର୍ଷ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଉନ୍ନୟନ ଓ ବିକାଶ ସମ୍ପର୍କିତ ସମସ୍ତ ଦାବି ସତ୍ତ୍ୱେ ଏହା ହେଉଛି ଦେଶର ବାସ୍ତବ ସ୍ଥିତି।*

*ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି, ସୀମାହୀନ ବେକାରୀ, ଘରୋଇ ବିଜୁଳି କମ୍ପାନୀମାନଙ୍କର ଶୋଷଣ, ଋଣଗ୍ରସ୍ତ କୃଷକମାନଙ୍କର ଆତ୍ମହତ୍ୟା, କ୍ରମବର୍ଦ୍ଧମାନ ଶ୍ରମିକ ଛଟେଇ, କର୍ମକ୍ଷମ ଲୋକମାନଙ୍କର ଦାଦନ ଖଟିବାକୁ ପଳାୟନ, ଶିକ୍ଷା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚରମ ସଂକଟ, ଶିଳ୍ପାୟନ ଓ ନିଯୁକ୍ତି ସୃଷ୍ଟି ଆଳରେ ହଜାର ହଜାର ଲୋକଙ୍କୁ ଉଦ୍‌ବାସ୍ତୁ କରି ସେମାନଙ୍କ ଚାଷ ଜମି, ଖଣି, ପାଣି, ଜଙ୍ଗଲକୁ ଶାଗ ମାଛ ଦରରେ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବା, ଏହାର ପ୍ରତିବାଦ କରୁଥିବା ଲୋକଙ୍କୁ ବର୍ଷ ବର୍ଷ ଧରି ଜେଲରେ ଭର୍ତ୍ତି କରିବା, ଗୁଳି କରି ହତ୍ୟା କରିବା ହେଉଛି କେନ୍ଦ୍ର ବି.ଜେ.ପି ଓ ରାଜ୍ୟ ବି.ଜେ.ଡି ଦଳର ପାରସ୍ପରିକ ସହଯୋଗ ଭିତ୍ତିରେ ଚାଲିଥିବା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଅବଦାନ। ଏହି ସରକାରମାନଙ୍କ ଶାସନ କାଳରେ ଦୁର୍ନୀତି ସମସ୍ତ ସୀମା ଲଂଘନ କରିଛି। କେନ୍ଦ୍ର ସରକାରଙ୍କ ନିର୍ବାଚନୀ ବଣ୍ଡ ସମସ୍ତ ଦୁର୍ନୀତିର ଜନନୀ ବୋଲି ପ୍ରମାଣିତ ହୋଇଛି। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ରାଫେଲ୍ ଦୁର୍ନୀତି ଏବଂ ରାଜ୍ୟ ସରକାରଙ୍କ ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତି କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି।*

*ଧର୍ମନିରପେକ୍ଷତାର ଦୁହାଇ ଦେଇ ୨୦୦୯ ମସିହାରେ ବି.ଜେ.ପି ସହିତ ମେଣ୍ଟ ଭାଙ୍ଗିଥିବା ବି.ଜେ.ଡି ସଂସଦରେ କେନ୍ଦ୍ର ସରକାରଙ୍କର ସମସ୍ତ ଜନବିରୋଧୀ ଆଇନ୍‌କୁ ସମର୍ଥନ କରିଛି ଏବଂ ଏହାର ପ୍ରତିଦାନରେ ବି.ଜେ.ଡି ନେତାମାନଙ୍କ ଦୁର୍ନୀତିର ଖୋଳତାଡ ହେଉ ନାହିଁ କିମ୍ବା ଅନ୍ୟାନ୍ୟ ବିରୋଧୀ ଦଳ ଶାସିତ ରାଜ୍ୟ ଭଳି ଓଡିଶାରେ ସି.ବି.ଆଇ, ଇଡି କିମ୍ବା ଆୟକର ବିଭାଗର ଚଢାଉ ଦେଖିବାକୁ ମିଳୁ ନାହିଁ। ଦୁଇ ଦଳର ତୁଙ୍ଗ ନେତାମାନେ ପରସ୍ପରର ପ୍ରଶଂସାରେ ଶତମୁଖ ! ଦୀର୍ଘ ବର୍ଷ ଧରି କେନ୍ଦ୍ର ଓ ରାଜ୍ୟରେ ବି.ଜେ.ପି-ବି.ଜେ.ଡି ଅଘୋଷିତ ମେଣ୍ଟ ଚାଲିଛି। ଅନ୍ୟଦିଗରେ ଦୀର୍ଘ ବର୍ଷ ଧରି କ୍ଷମତା ବାହାରେ ରହିଥିବା କଂଗ୍ରେସ ଦଳ ପରିସ୍ଥିତିର ସୁଯୋଗ ନେଇ କ୍ଷମତାକୁ ଫେରିବାର ସ୍ୱପ୍ନ ଦେଖୁଛି।*

*ଏହି ପରିସ୍ଥିତିରେ ଜନସାଧାରଣଙ୍କ ପେଟପାଟଣାର ସମସ୍ୟା ଉପରେ ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ଲଗାତର, ଶକ୍ତିଶାଳୀ ଗଣଆନ୍ଦୋଳନ ପରିଚାଳନା କରିବା, ଏହି ମିଳିତ ଆନ୍ଦୋଳନର ଧାରାବାହିକତାରେ ଐକ୍ୟବଦ୍ଧ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ଜନସାଧାରଣଙ୍କ ସମ୍ମୁଖରେ ଏକ ଲଢୁଆ ବାମପନ୍ଥୀ ବିକଳ୍ପ ଉପସ୍ଥାପନ କରିବାର ଜରୁରୀ ଆବଶ୍ୟକତା ରହିଛି। ମାତ୍ର ଆମର ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା ସମ୍ଭବ ହୋଇ ନାହିଁ। ସଂସଦ ଓ ବିଧାନସଭାରେ ସାମାନ୍ୟ କେତୋଟି ଆସନ ପାଇଁ ସି.ପି.ଆଇ, ସି.ପି.ଆଇ(ଏମ୍) ଏବଂ ସି.ପି.ଆଇ-ଏମ୍.ଏଲ୍ (ଲିବରେସନ୍) ପ୍ରମୁଖ ଦଳମାନେ ଗଣଆନ୍ଦୋଳନର ରାସ୍ତା ପରିହାର କରି କଂଗ୍ରେସ ସମେତ ବିଭିନ୍ନ ଭୋଟସର୍ବସ୍ୱ ଦଳ ସହିତ ମେଣ୍ଟ କରି ଜନସ୍ୱାର୍ଥକୁ ବିଡମ୍ବିତ କରୁଛନ୍ତି। ଫଳରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ବିଭ୍ରାନ୍ତି ସୃଷ୍ଟି ହେଉଛି।*

*ଏହିଭଳି ପରିସ୍ଥିତିରେ ଏସ୍.ୟୁ.ସି.ଆଇ (କମ୍ମ୍ୟୁନିଷ୍ଟ) ଦଳ ନିଜ ଶକ୍ତିରେ ଏକକ ଭାବରେ ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ରାଜ୍ୟର ସାଧାରଣ ମଣିଷର ସ୍ୱାର୍ଥ ରକ୍ଷାର ଲଢେଇକୁ ଶକ୍ତିଶାଳୀ କରିବା ପାଇଁ, ସଂସଦ ଓ ବିଧାନସଭା ଗୃହରେ ସାଧାରଣ ମଣିଷର ସ୍ୱରକୁ ପ୍ରତିଧ୍ୱନିତ କରିବା ପାଇଁ ଏସ୍.ୟୁ.ସି.ଆଇ(କମ୍ମ୍ୟୁନିଷ୍ଟ) ପାର୍ଟିର ଗଣ ଆନ୍ଦୋଳନରେ ପରୀକ୍ଷିତ ପ୍ରାର୍ଥୀମାନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଏସ୍.ୟୁ.ସି.ଆଇ(କମ୍ମ୍ୟୁନିଷ୍ଟ) ଓଡିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟର ଜନସାଧାରଣଙ୍କୁ ବିନୀତ ନିବେଦନ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍.ୟୁ.ସି.ଆଇ(କମ୍ମ୍ୟୁନିଷ୍ଟ) କେନ୍ଦ୍ରିୟ କମିଟି ସଦସ୍ୟ ତଥା ରାଜ୍ୟ ସଂପାଦକ ଶଙ୍କର ଦାସଗୁପ୍ତ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ଦାସ, ସ୍ୱୟଂପ୍ରଭା ନାୟକ, ବିଶ୍ୱାବସୁ ଦାସ, ଅଶୋକ ମିଶ୍ର ଉପସ୍ଥିତ ଥିଲେ।*

★★★

Regd.No-ORI ORI/2011/37220 • VOL.NO. 11, ISSUE NO. 06 • ମୂଲ୍ୟ-୫ଟଙ୍କା

## କେରଳର ଏକ ବିଶ୍ୱବିଦ୍ୟାଳୟ ଛାତ୍ର ହତ୍ୟାର ଉଚ୍ଚ ସ୍ତରୀୟ ତଦନ୍ତ ଦାବିରେ
## ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ



କେରଳ ଭେଟନାରୀ ଏବଂ ଆନିମଲ ସାଇନ୍ସ ବିଶ୍ୱବିଦ୍ୟାଳୟରେ ଛାତ୍ର ହତ୍ୟାର ଉଚ୍ଚସ୍ତରୀୟ ତଦନ୍ତ କରିବା, ଏହି ଘଟଣାରେ ସଂପୃକ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବା, ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ରାଗିଂ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା, କ୍ୟାମ୍ପସରେ ଶୈକ୍ଷିକ-ସାଂସ୍କୃତିକ ବାତାବରଣ ବାହାଲ କରିବା, କ୍ୟାମ୍ପସ୍‌ରେ ଗଣତାନ୍ତ୍ରିକ ବାତାବରଣ ରକ୍ଷା କରିବା ଦାବିରେ ଏଆଇଡିଏସଓ ପକ୍ଷରୁ ମାର୍ଚ୍ଚ ୭ତାରିଖରେ **ସାରା ଭାରତ ସଂକଳ୍ପ ଦିବସ** ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଆଇଡ଼ିଏସ୍‌ଓ କଟକ ଜିଲ୍ଲା ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ସଂଗଠନର ଓଡିଶା ରାଜ୍ୟ ପରିଷଦର ଉପସଭାପତି କମ୍ରେଡ ଭାଗ୍ୟରବି ଦାସ, ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ବିନୋଦ ସେଠୀ କଟକ ଜିଲ୍ଲା କମିଟି ସଭାପତି କମ୍ରେଡ ଇଶା ଧର, ସଂପାଦକ କମ୍ରେଡ ତରୁଣସେନ ନାୟକ, କମ୍ରେଡ ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂ, ମୁସ୍କାନ ତବସୁମ, ସତ୍ୟବ୍ରତ ମୁଦୁଲି ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।

ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ୧୮ ତାରିଖ ଦିନ କେରଳ ଭେଟନାରୀ ଏବଂ ଆନିମଲ ସାଇନ୍ସ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରଙ୍କର ମୃତ ଦେହ ଝୁଲନ୍ତା ଅବସ୍ଥାରେ ତାଙ୍କ ହଷ୍ଟେଲ ଶୌଚାଳୟରୁ ମିଳିଥିଲା । ପରେ ଜଣାପଡିଲା ଯେ ତାଙ୍କୁ ପୂର୍ବରୁ ତିନି ଦିନ ଧରି ପବ୍ଲିକରେ ରାଗିଂ କରିବା, ଉଲଗ୍ନ କରି ବୁଲାଇବା, ବେଲ୍ଟ ଓ ଲୁହା ରଡରେ ମାଡ ମରାଯାଇଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନେ କେରଳରେ କ୍ଷମତାରେ ଥିବା ଦଳର ଛାତ୍ର ସଂଗଠନ ଏସ୍‌ଏଫ୍‌ଆଇର ବିଶ୍ୱବିଦ୍ୟାଳୟର ନେତାମାନେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାରମାନେ ଶିକ୍ଷାନୁଷ୍ଠାନଗୁଡିକୁ ନିଜର ଦଳୀୟ ରାଜନୀତିର ପ୍ରଚାର କେନ୍ଦ୍ରରେ ପରିଣତ କରିବା ପାଇଁ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବା ସହ କ୍ୟାମ୍ପସଗୁଡିକରେ ଗଣତାନ୍ତ୍ରିକ ଅଧିକାର ହରଣ କରିବା, ଶୈକ୍ଷିକ ସାଂସ୍କୃତିକ ବାତାବରଣ ନଷ୍ଟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହା ବିରୁଦ୍ଧରେ ଛାତ୍ରସମାଜ ତଥା ସମାଜର ସର୍ବସ୍ତରର ଗଣତନ୍ତ୍ରପ୍ରେମୀ ଜନସାଧାରଣ ଆଗେଇ ଆସିବା ପାଇଁ ଏଆଇଡିଏସଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

## ଜନଜୀବନର ଜ୍ୱଳନ୍ତ ସମସ୍ୟାର ସମାଧାନ ଦାବିରେ କଟକରେ ଗଣ ବିକ୍ଷୋଭ




ଜିଲ୍ଲାର ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ସେବା କ୍ଷେତ୍ରରେ ଦେଖାଦେଇଥିବା ଗଭୀର ସଂକଟ ତଥା କଟକ ସହରର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପ୍ରତିବାଦରେ ଏବଂ ବସ୍ତିବାସିନ୍ଦାଙ୍କୁ ନ୍ୟାୟୋଚିତ ଭାବେ ଥଇଥାନ କରିବା ଏବଂ ରେସନକାର୍ଡ ନଥିବା ପରିବାରକୁ ମଧ୍ୟ ବିନା ଦେୟରେ ଜମି ପଟା ଯୋଗାଇବା ଦାବିରେ ଏସୟୁସିଆଇ(କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ଡାକରାରେ କଟକ ଜିଲ୍ଲାପାଳ ଅଫିସ ସମ୍ମୁଖରେ ମାର୍ଚ୍ଚ ୪ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ବ୍ୟତୀତ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦାରଦାମ ହ୍ରାସ କରିବା, ବନ୍ଦ କରାଯାଇଥିବା ସମସ୍ତ ସରକାରୀ ବିଦ୍ୟାଳୟ ଗୁଡିକୁ ତୁରନ୍ତ ଖୋଲିବା ସହିତ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ଦେବା, ଜିଲ୍ଲାର ସମସ୍ତ ଗ୍ରାମରେ ୨୪ଘଣ୍ଟା ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବା ପ୍ରମୁଖ ୧୩ଦଫା ଦାବିରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା।

ଏସ୍‌ୟୁସିଆଇ(ସି) ଜିଲ୍ଲା ସଂପାଦକ କମ୍ରେଡ୍ ବିଶ୍ୱାବସୁ ଦାସଙ୍କ ପରିଚାଳନାରେ ସଂଗଠକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ମାଳବିକା ସାମଲ, ଅକ୍ଷୟ ରାଉଳ, ପରମାନନ୍ଦ ସେଠୀ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ଆଇନଜୀବୀ ସୁକାନ୍ତ ନାୟକ, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ସିପ୍ରା ମହାନ୍ତି, ପ୍ରିୟଦର୍ଶନ ପାଢ଼ୀ, ସ୍ୱାଧିନୀ ବେହେରା, ଆଡଭୋକେଟ୍ ପ୍ରତାପ ମିଶ୍ର, ଜ୍ୟୋତ୍ସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଶୋଭାରାଣୀ ଦେହୁରୀ, ଝରଣା ଦାସ, ଭାଗ୍ୟଶ୍ରୀ ପ୍ରଧାନ ପ୍ରମୁଖ ଏହି ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ. ବିକ୍ଷୋଭ ସ୍ଥଳରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ଏବଂ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯଇଥିଲା।

## ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ପାଇଁ ଅନଲାଇନ ପ୍ରଶ୍ନପତ୍ର ପ୍ରେରଣ ପ୍ରତିବାଦରେ ଏଆଇଡିଏସ୍‌ଓର ବିକ୍ଷୋଭ






ଚଳିତ ବର୍ଷ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମଧ୍ୟମା ପରୀକ୍ଷା ପାଇଁ ମାର୍ଚ୍ଚ ୬ ରୁ ୧୩ ମଧ୍ୟରେ ଅନଲାଇନରେ ସ୍କୁଲକୁ ପ୍ରଶ୍ନପତ୍ର ପଠାଯିବ ଓ ଏହାକୁ ଜେରକ୍ସ କରି ପିଲାଙ୍କୁ ଦେବାପାଇଁ ବୋର୍ଡ ତରଫରୁ ସୂଚନା ଦିଆଯାଇଥିଲା। କହିବା ବାହୁଲ୍ୟ, ସରକାର ଖର୍ଚ୍ଚ କାଟ ନାଁ ରେ ପରୀକ୍ଷା ପାଇଁ ଅନଲାଇନ ପଦ୍ଧତି ଆପଣାଉଛନ୍ତି । ଏହି ପ୍ରକ୍ରିୟା ଶିକ୍ଷାକୁ ସଂପୂର୍ଣ୍ଣ ଧ୍ୱଂସ କରିବାକୁ ଉଦ୍ଦିଷ୍ଟ। ଏହି ପରିସ୍ଥିତିରେ ଅନଲାଇନରେ ପ୍ରଶ୍ନପତ୍ର ପଠାଇବା ବନ୍ଦ କରି, ଯଥାସମୟରେ ସିଧାସଳଖ ଭାବେ ସ୍କୁଲକୁ ଛପା ପ୍ରଶ୍ନପତ୍ର ପଠାଇବା, ପରୀକ୍ଷାର ସୁପରିଚାଳନା କରିବା ସହ ପରୀକ୍ଷା ବ୍ୟବସ୍ଥାକୁ ତ୍ରୁଟି ମୁକ୍ତ କରିବାପାଇଁ ଏଆଇଡିଏସଓ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରି କଟକ, ବ୍ରହ୍ମପୁର,ଅନୁଗୋଳ, ବାଲେଶ୍ୱର ଏବଂ ଭୋଗରାଇ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏଆଇଡିଏସଓ ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ, ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା, ଉପସଭାପତି କମ୍ରେଡ ଭାଗ୍ୟରବି ଦାସ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ବିନୋଦ ସେଠୀ, କମ୍ରେଡ ତରୁଣସେନ ନାୟକ, କମ୍ରେଡ ଇସା ଧର, କମ୍ରେଡ ପ୍ରଶାନ୍ତ ଦାସ, କମ୍ରେଡ ହରେକୃଷ୍ଣ ଦାସ, କମ୍ରେଡ ନାରାୟଣ ନାୟକ, କମ୍ରେଡ ନିମାଇଁ ଚରଣ ସାହୁ, କମ୍ରେଡ ନାରାୟଣ ସାହୁ, ରାଜ୍ୟ କମିଟି ସଭ୍ୟ କମ୍ରେଡ ପପୁନ ସାହୁ, କମ୍ରେଡ କିସାନ କୁମାର ସାହୁ, କମ୍ରେଡ ଶୁଭସ୍ମିତା ପାଣିଗ୍ରାହୀ, କମ୍ରେଡ କାମରାଜ ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

## ବୋଲଗଡରେ ପାଚିକାମାନଙ୍କ ବୈଠକ



ମାର୍ଚ୍ଚ ୧୦ତାରିଖରେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ ଓ ବେଗୁନିଆ ବ୍ଲକ୍‌ର ମଧ୍ୟାହ୍ନ ଭୋଜନ ପାଚିକା-ସହାୟିକାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାଚିକା-ସହାୟିକାମାନଙ୍କର ଦୀର୍ଘଦିନର ଦାବିକୁ କେନ୍ଦ୍ର ଓ ରାଜ୍ୟ ସରକାର ଉପେକ୍ଷା କରିବା ଏବଂ ଭୋଟ ପୂର୍ବରୁ ମାମୁଲି ବେତନ ବୃଦ୍ଧିକରି ପାଚିକା-ସହାୟିକାମାନଙ୍କୁ ପ୍ରତାରିତ କରାଯାଇଥିବାରୁ ବୈଠକରେ ନିନ୍ଦା କରାଯାଇଥିଲା। ଆଗାମୀ ଦିନରେ ଦାବି ପୂରଣପାଇଁ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ଏବଂ ସଂଗଠନକୁ ସ୍ତରେ ସ୍ତରେ ମଜବୁତ କରିବାପାଇଁ ଆହ୍ୱାନ ଦିଆଯାଇଥିଲା। କମ୍ରେଡ୍ ଅଶୋକ ସାହୁ ଏବଂ ପ୍ରଶାନ୍ତ ରାଉତରାୟ ପ୍ରମୁଖ ଆଲୋଚକ ଭାବରେ ଯୋଗ ଦେଇଥିଲେ।

## ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ କିଶୋରନଗର ବ୍ଲକ ଅଫିସ୍ ଘେରାଉ




ସୁରେଶ୍ୱରୀ ଜଳସେଚନ ଯୋଜନା ଅବିଳମ୍ୱେ କାର୍ଯ୍ୟକାରୀ କରିବା, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନର୍ସ,କର୍ମଚାରୀ ନିଯୁକ୍ତିଦେବା, କିଶୋରନଗର ଡାକ୍ତରଖାନାରେ ଏକ୍ସରେ, ଅଲ୍ଟ୍ରାସାଉଣ୍ଡ ମେସିନ୍ ସ୍ଥାପନ କରିବା, ମଣ୍ଡିରେ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ ଅବିଳମ୍ୱେ କ୍ରୟ କରିବା, ଓସ୍କାପାଲି ପଂଚାୟତରେ ବାମୁର ଠାରୁ କଦଳୀଗଡ ପର୍ଯ୍ୟନ୍ତ ରେଳ ଲାଇନ୍ ନିର୍ମାଣ ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତ ସେବାର ଘରୋଇକରଣ ଏବଂ ପ୍ରିପେଡ ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଶିଳ୍ପ ପାର୍କ ନାଁରେ ଉର୍ବର କୃଷିଜମି, ପ୍ରାକୃତିକ ଜଙ୍ଗଲ ସମ୍ପଦକୁ କମ୍ପାନୀମାନଙ୍କୁ ହସ୍ତାନ୍ତର ବନ୍ଦ କରିବା, ସମସ୍ତ ଚାଷୀଙ୍କୁ ୫୫ବର୍ଷ ପରେ ସର୍ବନିମ୍ନ ପେନ୍‌ସନ୍ ୫ହଜାର ଟଙ୍କା ପ୍ରଦାନ କରିବା, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ଆବାସ ଯୋଜନାରେ ପକ୍କା ଘର ଯୋଗାଇଦେବା, ମଦ, ମାଦକଦ୍ରବ୍ୟର ପ୍ରଚାର ପ୍ରସାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପ୍ରଭୃତି ୧୦ଦଫା ଦାବିରେ ଫେବୃଆରୀ ୧୨ ତାରିଖରେ ଜୀବନ ଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ କିଶୋରନଗର ବ୍ଲକ ଘେରାଉ କରାଯାଇଥିଲା । ଘେରାଓ ସ୍ଥଳରେ କମିଟିର ସାଂଗଠନିକ ସମ୍ପାଦକ ରମଣୀରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶ୍ରୀଯୁକ୍ତ ଅନନ୍ତ ଚରଣ ପ୍ରଧାନ, ତୀର୍ଥବାସୀ ଭୋଇ, ରବୀନ୍ଦ୍ର ସାହୁ, ଗୌରଚନ୍ଦ୍ର ସାହୁ, ଅର୍ଜୁନ ମୁଣ୍ଡା, ପଦ୍ମିନୀ ମୁଣ୍ଡା, ତରୁଣ ବେହେରା, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ. ବିକ୍ଷୋଭ ସ୍ଥଳରୁ ପ୍ରଶାସନକୁ ୧୦ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।




Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das